# ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା

## (ପୁନର୍ବାସ ଓ ଥଇଥାନ ଉପ-ବିଭାଗ)

ଜ୍ଞାପକ ସଂଖ୍ୟା- ୧୩୫୩୬ /ତା- ୨୮/୧୨/୨୦୨୨

ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ସମ୍ବଲପୁର-ତଥା- କମିଶନର, ପୁନର୍ବାସ ଓ ଥଇଥାନ ଙ୍କ ଦ୍ୱାରା ଅନୁମୋଦିତ ଏନ୍-ଏଲ୍-ସି ଇଣ୍ଡିଆ ଲିମିଟେଡ୍ ତାପଜ ବିଦ୍ୟୁତ ପ୍ରକଳ୍ପ, ଝାରସୁଗୁଡ଼ା ର ପୁନର୍ବାସ ଓ ଥଇଥାନ କାର୍ଯ୍ୟଯୋଜନା ର ଏକ ନକଲ ଉପ-ଜିଲ୍ଲାପାଳ, ଝାରସୁଗୁଡ଼ା ଙ୍କୁ ତାଙ୍କ କାର୍ଯ୍ୟାଳୟ ସୂଚନା ଫଳକ ରେ ଜନ ସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ ପାଇଁ ପ୍ରେରଣ କରାଗଲା ।

28.12.2022

ପ୍ରକଳ୍ପ ନିର୍ଦ୍ଦେଶିକା, ପୁନର୍ବାସ ଓ ଥଇଥାନ,
ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା- ୧୩୫୩୭/ତା- ୨୮/୧୨/୨୦୨୨

ଏହାର ଏକକିତା ନକଲ ତହସିଲଦାର, ଝାରସୁଗୁଡ଼ା ଙ୍କୁ ତାଙ୍କ କାର୍ଯ୍ୟାଳୟ ସୂଚନା ଫଳକ ରେ ଜନ ସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ ପାଇଁ ପ୍ରେରଣ କରାଗଲା ।

28.12.2022

ପ୍ରକଳ୍ପ ନିର୍ଦ୍ଦେଶିକା, ପୁନର୍ବାସ ଓ ଥଇଥାନ,
ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା- ୧୩୫୩୮/ତା- ୨୮/୧୨/୨୦୨୨

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ, ଝାରସୁଗୁଡ଼ା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

28.12.2022

ପ୍ରକଳ୍ପ ନିର୍ଦ୍ଦେଶିକା, ପୁନର୍ବାସ ଓ ଥଇଥାନ,
ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା- ୧୩୫୩୯/ତା- ୨୮/୧୨/୨୦୨୨

ଏହାର ଏକକିତା ନକଲ ସରପଞ୍ଚ, ହୀରମା ଗ୍ରାମ ପଞ୍ଚାୟତ, ଝାରସୁଗୁଡ଼ା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

28.12.2022

ପ୍ରକଳ୍ପ ନିର୍ଦ୍ଦେଶିକା, ପୁନର୍ବାସ ଓ ଥଇଥାନ,
ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା- ୧୩୫୪୦ /ତା- ୨୮/୧୨/୨୦୨୨

ଏହାର ଏକକିତା ନକଲ ନିଜାରତ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା ଙ୍କୁ ଜିଲ୍ଲା ସୂଚନା ଫଳକ ରେ ଜନ ସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ ପାଇଁ ପ୍ରେରଣ କରାଗଲା ।

28.12.2022

ପ୍ରକଳ୍ପ ନିର୍ଦ୍ଦେଶିକା, ପୁନର୍ବାସ ଓ ଥଇଥାନ,
ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା- ୧୩୫୪୧/ତା- ୨୮/୧୨/୨୦୨୨

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ଙ୍କୁ ଜିଲ୍ଲା ୱେବସାଇଟ୍ ରେ ଜନ ସାଧାରଣ ଙ୍କ ଅବଗତି ନିମନ୍ତେ ଅପଲୋଡ୍ ପାଇଁ ପ୍ରେରଣ କରାଗଲା ।

28.12.2022

ପ୍ରକଳ୍ପ ନିର୍ଦ୍ଦେଶିକା, ପୁନର୍ବାସ ଓ ଥଇଥାନ,
ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା- ୧୩୬୪୨ /ତା- ୨୮/୧୨/୨୦୨୨

ଏହାର ଏକକିତା ନକଲ ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡ଼ା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

28.12.2022

ପ୍ରକଳ୍ପ ନିର୍ଦ୍ଦେଶିକା, ପୁନର୍ବାସ ଓ ଥଇଥାନ,
ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

# ଥଇଥାନ ଓ ପୁର୍ନବାସ କାର୍ଯ୍ୟଯୋଜନା

# ଏନ ଏଲ ସି ଇଣ୍ଡିଆ ଲିମିଟେଡ଼ ତାପଜ ବିଦ୍ୟୁତ ପ୍ରକଳ୍ପ, ଝାରସୁଗୁଡ଼ା, ଓଡ଼ିଶା

ପ୍ରସ୍ତୁତି

ଶ୍ରୀମତୀ ଆଲୋମଣି ସେଠୀ

ପ୍ରକଳ୍ପ ନିର୍ଦ୍ଦେଶିକା ଥଇଥାନ ଓ ପୁର୍ନବାସ. ଝାରସୁଗୁଡା

# ସୂଚୀପତ୍ର


| | |
|---|---|
| ଅଧ୍ୟାୟ-1 | ଉପକ୍ରମ |
| ଅଧ୍ୟାୟ-2 | ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସଂପର୍କରେ |
| ଅଧ୍ୟାୟ-3 | ପ୍ରକଳ୍ପ ଅବଲୋକନ |
| ଅଧ୍ୟାୟ-4 | ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାର |
| ଅଧ୍ୟାୟ-5 | ନୀତି କାର୍ଯ୍ୟ ଖସଡ଼ା |
| ଅଧ୍ୟାୟ-6 | ଉଦ୍ଦେଶ୍ୟ ଓ ଅଗ୍ରଗତି |
| ଅଧ୍ୟାୟ-7 | ଡ୍ରାଫ୍ଟ ଥଇଥାନ ଓ ପୁନର୍ବାସ କାର୍ଯ୍ୟଯୋଜନା ଉପରେ ଜନଶୁଣାଣୀ |
| ଅଧ୍ୟାୟ-8 | ଥଇଥାନ ଓ ପୁର୍ନବାସ ପ୍ୟାକେଜ୍ |
| ଅଧ୍ୟାୟ-9 | ଉପସଂହାର |

## ଅଧ୍ୟାୟ-1

## ଉପକ୍ରମ

ଯେକୌଣସି ବିକାଶମୂଳକ ପ୍ରକଳ୍ପ ପାଇଁ ଜମି ହେଉଛି ପ୍ରାଥମିକ ଆବଶ୍ୟକତା । ଘରୋଇ ଜମି ଅଧିଗ୍ରହଣ ଅନେକ ସମୟରେ ଅନିଚ୍ଛାକୃତ ବିସ୍ଥାପନର କାରଣ ହୋଇଥାଏ । ଜନ ସାଧାରଣଙ୍କ ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ବିକାଶ ମୂଳକ ପ୍ରକଳ୍ପ ଗୁଡିକ ପାଇଁ ବିଭିନ୍ନ ସମୟରେ ବହୁ ପରିବାର ଜମି, ଘର ଓ ଚୁଲି ହରାଉଛନ୍ତି । ଯେକୌଣସି ପ୍ରକାରର ବିସ୍ଥାପନ ଯନ୍ତ୍ରଣାଦାୟକ ହୋଇଥାଏ, କାରଣ ଏହା ଜଣକୁ ନିଜ ସମାଜ, ପୈତୃକ ଘର ଓ କର୍ମସଂସ୍ଥାନଠାରୁ ଦୂରେଇ ନେଇଥାଏ । ଅତୀତର ବୃହତ ବିକାଶମୂଳକ ପ୍ରକଳ୍ପରେ ବିସ୍ଥାପିତ ପରିବାର ଗୁଡିକ ସେମାନଙ୍କର ପୂର୍ବ ଜୀବନଶୈଳୀକୁ ପୁନଃସ୍ଥାପିତ କରିବା କଷ୍ଟସାଧ ହୋଇଛି । ସେମାନଙ୍କ ମଧ୍ୟରୁ କେତେକଙ୍କର ପୀଡା ସବୁ ଦିନ ପାଇଁ ରହି ଯାଇଛି । ଏହାର ଏକ ସାଧାରଣ କାରଣ ହେଉଛି , ଦୁର୍ବଳ ଥଇଥାନ ଓ ପୁର୍ନବାସ ପଦକ୍ଷେପ । ସେହିପରି ଏକ ବିଶେଷ କାରଣ ହେଉଛି ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡ଼ିକର ଜୀବିକା ପୁର୍ନସ୍ଥାପନ ଓ ଅର୍ଥନୈତିକ ଥଇଥାନର ଅଭାବ । ଜମି ଅଧିଗ୍ରହଣ ଏବଂ ଥଇଥାନ ଓ ପୁର୍ନବାସ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ୨୦୧୩ ମସିହାରେ ଭାରତ ସରକାର ଜମି ଅଧିଗ୍ରହଣ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଓ ନ୍ୟାୟସଂଗତ କ୍ଷତିପୂରଣ ଅଧିକାର ଆଇନ, ୨୦୧୩ ପ୍ରଣୟନ କରିଛନ୍ତି । ଏହା ପୂର୍ବରୁ ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡ଼ିକର ଉପଯୁକ୍ତ ଓ ସମୟୋଚିତ ପୁର୍ନବାସ ଓ ଥଇଥାନ ପାଇଁ ଦେଶର ପ୍ରଥମ ରାଜ୍ୟଭାବେ ଓଡ଼ିଶା ସରକାର ୨୦୦୬ ମସିହାରୁ ଏକ ସାମଗ୍ରିକ ପୁର୍ନବାସ ଓ ଥଇଥାନ ନୀତି ଲାଗୁ କରିଛନ୍ତି ।

ଏହି ପୁର୍ନବାସ ଓ ଥଇଥାନ ସ୍କିମ୍ ପ୍ରଭାବିତ ଗ୍ରାମ ପାଇଁ ଲାଗୁହେବ, ଯାହାକି RFCTLARR ଆଇନ, ୨୦୧୩ ଓ ଓଡ଼ିଶା ପୁର୍ନବାସ ଓ ଥଇଥାନ ନୀତି, ଏବଂ ଖଣି ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରୁଥିବା NTPC ଓ OCPL ପରି ସଂସ୍ଥାମାନଙ୍କ ଦ୍ୱାରା ଦିଆଯାଉଥିବା ଉତ୍ତମ ସୁବିଧା ସୁଯୋଗକୁ ସମନ୍ୱିତ ଭାବରେ ଅନୁସରଣ କରି ପ୍ରସ୍ତୁତ କରାଯାଇଛି । ଏହା ବିସ୍ଥାପିତ ପରିବାରଗୁଡ଼ିକ ବୃହତ୍ତର ସ୍ୱାର୍ଥ ଓ ସେମାନଙ୍କ ଭବିଷ୍ୟତପୀଢି ନିମନ୍ତେ ଉତ୍ତମ ଜୀବନଧାରଣ ମାନ ନିଶ୍ଚିତ କରିବାକୁ ଅଭିପ୍ରେତ ।

## ଅଧ୍ୟାୟ-2

## ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସଂପର୍କରେ

ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଶକ୍ତି କ୍ଷେତ୍ରରେ ଛଅ ଦଶନ୍ଧିରୁ ଅଧିକ କାଳରୁ ରାଷ୍ଟ୍ରାୟତ ଉଦ୍ୟୋଗ ଭାବେ ଏକ ଅଗ୍ରଣୀ ସଂସ୍ଥା ରହିଆସିଛି । ଲିଗ୍ନାଇଟ୍ ଉତ୍ପାଦନରେ ବୃହତ ଏବଂ ତାପଜ ଓ ଅକ୍ଷୟ ଶକ୍ତି ଉତ୍ପାଦନରେ ପ୍ରମୁଖ ଅଂଶ ଏହି ପ୍ରତିଷ୍ଠାନର ରହିଛି |

ଏନ ଏଲ ସି ଇଣ୍ଡିଆ ଲିମିଟେଡ଼ର ବାର୍ଷିକ ଉତ୍ପାଦନ କ୍ଷମତା ୨୮.୫୦ ମିଲିୟନ୍ ଟନ୍ (MTPA) । ରାଜସ୍ଥାନରେ ବାର୍ଷିକ କ୍ଷମତା ଥିବା ୨.୧୦ ମିଲିୟନ୍ ଟନ୍ (MTPA) ର ଏକ ଓପନକାଷ୍ଟ ଲିଗ୍ନାଇଟ୍ ଖଣି ଏବଂ ଓଡିଶାର ତଲାବିରାରେ ବାର୍ଷିକ ୨୦ ମିଲିୟନ୍ ଟନ୍ (MTPA) ର କ୍ଷମତା ଯୁକ୍ତ ଏକ ଓପନକାଷ୍ଟ କୋଇଲା ଖଣି ଏହାର ପରିଚାଳନା ଭୁକ୍ତ ଅଟେ |

କମ୍ପାନୀ ମଧ୍ୟ ତାମିଲନାଡୁର ନେଇଭେଲି (Neyiveli) ରେ ଚାରୋଟି ଲିଗ୍ନାଇଟ୍ ଆଧାରିତ ପିଟ୍-ହେଡ୍ ତାପଜ ବିଦ୍ୟୁତ କେନ୍ଦ୍ର ଚଳାଉଛି ଯାହାର କ୍ଷମତା 3390 ମେଗାୱାଟ ଅଟେ ଏବଂ ଗୋଟିଏ 250 ମେଗାୱାଟ ଲିଗ୍ନାଇଟ୍ ଆଧାରିତ ପିଟ୍-ହେଡ୍ ତାପଜ ବିଦ୍ୟୁତ କେନ୍ଦ୍ର ରାଜସ୍ତାନ ର ବର୍ଷୀଙ୍ଗସର (Barsingsar) ଠାରେ ଭି ଚଳାଉଛି | ତାମିଲନାଡୁର ଥୋଥୁକୁଡି (Thoothukudi) ରେ ଏହାର ସହାୟକ କମ୍ପାନୀ NLC ତାମିଲନାଡୁ ପାୱାର ଲିମିଟେଡ୍ (NTPL), ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଏବଂ TANGEDCO ମଧ୍ୟରେ ମିଳିତ ଉଦ୍ୟୋଗ (୫୨:11 ଅନୁପାତରେ ଇକ୍ୱିଟି ଅଂଶଗ୍ରହଣ) ମାଧ୍ୟମରେ 1000 ମେଗାୱାଟ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ର ମଧ୍ୟ କାର୍ଯ୍ୟ କରୁଛି |

ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଅକ୍ଷୟ ଶକ୍ତି କ୍ଷେତ୍ରରେ ମଧ୍ୟ ଅଗ୍ରଗତି କରିଛି | ବର୍ତ୍ତମାନ କମ୍ପାନୀ ତାମିଲନାଡୁର ବିଭିନ୍ନ ଜିଲ୍ଲାରେ ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ 1370 ମେଗାୱାଟର ସୌର ବିଦ୍ୟୁତ କେନ୍ଦ୍ର ଏବଂ ତାମିଲନାଡୁର ତିରୁନେଲଭେଲି ଜିଲ୍ଲାରେ 51 ମେଗାୱାଟ ୱିଣ୍ଡ ପାୱାର ପ୍ଲାଣ୍ଟର କାର୍ଯ୍ୟ କରୁଛି । ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ହେଉଛି ପ୍ରଥମ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗ ଯାହାକି ସୌର ଶକ୍ତି ଉତ୍ପାଦନରେ 1000 ମେଗାୱାଟ କ୍ଷମତା ଅତିକ୍ରମ କରିଛି | ବର୍ତ୍ତମାନ କମ୍ପାନୀ ଆନ୍ତର୍ଜାତୀୟ ସୌର ଶକ୍ତି ଆଲାଇନ୍ସ (ISA) ର ସଦସ୍ୟ ହୋଇପାରିଛି | ଏନ ଏଲ ସି ଇଣ୍ଡିଆ ଲିମିଟେଡ଼ ମୋଟ 4531 ମେଗାୱାଟର କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ହାସଲ କରିବାକୁ ଲକ୍ଷ୍ୟ ରଖିଛି |

ଏନ ଏଲ ସି ଇଣ୍ଡିଆ ଲିମିଟେଡ଼ 2030 ସୁଦ୍ଧା 13500 ମେଗାୱାଟ ରୁ ଉର୍ଦ୍ଧ ବିଦ୍ୟୁତ ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଅଛି | ଉତ୍ତରପ୍ରଦେଶ ରାଜ୍ୟ ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ (UPRVUNL) ଓ ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ର ସଂଯୁକ୍ତ ଉଦ୍ୟମରେ ୟୁପିର ଘାଟାମପୁର ଠାରେ 3x660 ମେଗାୱାଟ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରାଯାଉଛି | ଏତଦ ବ୍ୟତୀତ, ଦେଶର ବିଭିନ୍ନ ସ୍ଥାନରେ 3000 ମେଗାୱାଟ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ ଲକ୍ଷ୍ୟ ନେଇ କୋଲ ଇଣ୍ଡିଆ ଲିମିଟେଡ଼ ସହିତ ତା 10.11.2020 ରିଖ ରେ ଏକ କୋଭି ଲିଗ୍ନାଇଟ୍ ଉର୍ଜା ବିକାଶ ପ୍ରାଇଭେଟ ଲିମିଟେଡ୍ (CLUVPL) ନାମକ ଏକ ସଂଯୁକ୍ତ ଉଦ୍ୟମ ସ୍ଥାପନ କରାଯାଇଛି |

ଏନ ଏଲ ସି ଇଣ୍ଡିଆ ଲିମିଟେଡ଼ ବିଭିନ୍ନ କୋଇଲା ଖଣି ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରିଛି ଏବଂ ତା 26.04.2020 ରିଖ ଠାରୁ ଓଡିଶାର ତଲାବିରା-୨ ଏବଂ 3 କୋଇଲା ଖଣି (20 MTPA ର ସାଧାରଣ କ୍ଷମତା) ରେ କୋଇଲା ଉତ୍ପାଦନ ଆରମ୍ଭ କରିଛି | ଏଥିସହ,ଝାରଖଣ୍ଡର ପଚୱାରା ଦକ୍ଷିଣ କୋଇଲା ଖଣିରେ (9 MTPA ର ସାଧାରଣ କ୍ଷମତା) 2022-23 ସୁଦ୍ଧା କୋଇଲା ଉତ୍ପାଦନ କରିବାର ଲକ୍ଷ ରଖିବା ସହିତ ପ୍ରକଳ୍ପର ଦ୍ରୁତ କାର୍ଯ୍ୟନ୍ୱୟନ କରୁଛି । ଦେଶର ଶକ୍ତି ଉତ୍ପାଦନ କ୍ଷମତାକୁ ମଜବୁତ କରିବା ପାଇଁ, ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଓଡ଼ିଶାର ଝାରସୁଗୁଡା ଏବଂ ସମ୍ବଲପୁର

ଜିଲ୍ଲାରେ ଏକ 2400 MW କ୍ଷମତା ବିଶିଷ୍ଟ (3 X 800 MW ପ୍ରଥମ ପର୍ଯ୍ୟାୟ) କୋଇଲା ଭିତ୍ତିକ ପିଟ୍-ହେଡ୍ ତାପଜ ବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା ଆରମ୍ଭ କରିବାକୁ ଲକ୍ଷ ଧାର୍ଯ୍ୟ କରିଛି । ଏଥି ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ।

ଖଣି ଏବଂ ଶକ୍ତି ଉତ୍ପାଦନ ବ୍ୟତୀତ, ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଦେଶର ସାମାଜିକ ଓ ଆର୍ଥିକ ଉନ୍ନତି ଭିତ୍ତିକ ବିକାଶରେ ଉଲ୍ଲେଖନୀୟ ଅବଦାନ ଦେଇଛି । ଏହି ରାଷ୍ଟ୍ରାୟତ ଉଦ୍ୟୋଗ ସମଗ୍ର ଭାରତରେ ଅକ୍ଷୟ ଶକ୍ତି ଉତ୍ପାଦନ ଏବଂ କୋଇଲା ଖଣି ବ୍ୟବସାୟରେ ମଧ୍ୟ ଆଗୁଆ ରହିଛି । ଏକ ସାମାଜିକ ଦାୟୀତ୍ୱବାନ ସଂସ୍ଥା ହୋଇ ଦେଶର ବିଭିନ୍ନ ସ୍ଥାନରେ ସାମାଜିକ ବିକାଶ ଏବଂ ପରିବେଶ ସଂରକ୍ଷଣ ପାଇଁ ବିଭିନ୍ନ ପୋଷଣୀୟ ପଦକ୍ଷେପ ଗ୍ରହଣ କରିଛି ।

## ଅଧ୍ୟାୟ-3

## ପ୍ରକଳ୍ପ ଅବଲୋକନ

ଓଡ଼ିଶା ସରକାରଙ୍କ ହାଇ ଲେଭଲ୍ କ୍ଲିୟରାନ୍ସ ଏଜେନ୍ସି (HLCA) ଏନ. ଏଲ. ସି. ଇଣ୍ଡିଆ ଦ୍ୱାରା 3200 ମେଗାୱାଟ (4 X ୪00 ମେଗାୱାଟ) କ୍ଷମତା ବିଶିଷ୍ଟ Pit Head Supercritical ତାପଜ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠାର ଅନୁମୋଦନ ଦେଇଛି । ଏହା ଝାରସୁଗୁଡା ଜିଲ୍ଲାର ତରେଇକେଲା, କୁମ୍ଭାରୀ, ହିରମା, ତୁମ୍ବେକେଲା ଏବଂ ଲୁରେନକଛାର ଗ୍ରାମରେ ସ୍ଥାପନ କରାଯିବ । ତାପଜ ବିଦ୍ୟୁତ୍ ପ୍ରକଳ୍ପ ଦୁଇଟି ପର୍ଯ୍ୟାୟରେ ଆସିବ, ଯଥା ପ୍ରଥମ ପର୍ଯ୍ୟାୟରେ 3 X ୪00 MW ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ 1 x ୪00 MW । ପରିବେଶ ମଞ୍ଜୁରୀ, ଜଳ ଆବଣ୍ଟନ ଭଳି ଆଇନଗତ ମଞ୍ଜୁରୀ ସହିତ ଏହି ତାପଜ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ପାଇଁ ଆବଶ୍ୟକ 1694.୫ ଏକର ଜମି ଅଧିଗ୍ରହଣ IPICOL ଦ୍ୱାରା ନିର୍ଦ୍ଧାରିତ ହୋଇଛି । ପ୍ରଭାବିତ ଏବଂ ବିସ୍ଥାପିତ ଗ୍ରାମଗୁଡିକରେ ସୋସିଓ ଇମ୍ପାକ୍ଟ ଆସେସମେଣ୍ଟ (SIA) ଅଧ୍ୟୟନ ସମାପ୍ତ ହୋଇଛି ଏବଂ ଅଧ୍ୟୟନର ଫଳାଫଳ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ ଦ୍ୱାରା ଅନୁମୋଦିତ ହୋଇଛି ।

ଏହି ପ୍ରକଳ୍ପ ରାଜ୍ୟ ତଥା ସମଗ୍ର ରାଷ୍ଟ୍ରର ଶକ୍ତି ଉତ୍ପାଦନ କ୍ଷମତାକୁ ମଜବୁତ କରିବ ଯାହାଦ୍ୱାରା ଜୀବନର ଗୁଣବତ୍ତା ବୃଦ୍ଧି ପାଇବ । 400 MW ପାଇଁ KSEBL ଏହାର ସମ୍ମତି ପ୍ରଦାନ କରିଥିବାବେଳେ GRIDCO, ଓଡିଶା ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରୁ 400 MW କ୍ରୟ ପାଇଁ ନୀତିଗତ ନିଷ୍ପତି ନେଇଛି ।

NLC ଇଣ୍ଡିଆ ଲିମିଟେଡ୍ ହେଉଛି ଏକ ପରିବେଶ ସନ୍ତୁଳନ ମୁଖି ସଂଗଠନ | ପରିବେଶର ଶାରୀରିକ, ରାସାୟନିକ ଏବଂ ଜୈବିକ ବୈଶିଷ୍ଟ ଏବଂ ଆଖପାଖ ଅଞ୍ଚଳର ଶୁଦ୍ଧତା ଅନୁମତିପ୍ରାପ୍ତ ସୀମା ଅନୁଯାୟୀ ରଖାଯିବ | ତାପଜ ବିଦ୍ୟୁତ୍ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଓ ପ୍ଲାଣ୍ଟ ର ଉତ୍ପାଦନ ପ୍ରକ୍ରିୟା ସମ୍ବନ୍ଧିତ ପରିବେଶ ପ୍ରଦୂଷଣ ର ନିୟନ୍ତ୍ରଣ ଓ ଉତ୍ତମ ପରିଚାଳନା ପାଇଁ କମ୍ପାନୀ କତୃପକ୍ଷ ବହୁବିଧ ବ୍ୟବସ୍ଥା କରିବେ ।

ଫ୍ଲାଏ ପାଉଁଶ କଣିକାର ନିର୍ଗମନକୁ ନିୟନ୍ତ୍ରଣ କରିବା ପାଇଁ ଉଚ୍ଚ ଦକ୍ଷତା Electro Static Precipitator (ESP) ସ୍ଥାପନ କରାଯିବ | କଣିକା ଏବଂ ଗ୍ୟାସୀୟ ପ୍ରଦୂଷଣର ବ୍ୟାପକ ବିସ୍ତାରକୁ ସୁଗମ କରିବା ପାଇଁ, ଏହି ପ୍ରକଳ୍ପ ନିମନ୍ତେ ଉପଯୁକ୍ତ ଉଚ୍ଚତାର କଂକ୍ରିଟ୍ ଚିମିନି ଧାର୍ଯ୍ୟ କରାଯାଇଛି | ସମସ୍ତ ଅପରେଟିଂ ଅବସ୍ଥାରେ S02 ନିର୍ଗମନକୁ ନିୟନ୍ତ୍ରଣ ଏବଂ ସୀମିତ କରିବା ପାଇଁ Flue Gas Desulpharization (FGD) ସିଷ୍ଟମ୍ ସ୍ଥାପିତ ହେବ | ନିର୍ଗମନକୁ ଧରି ରଖିବା ପାଇଁ କାରଖାନାର ସମସ୍ତ ଉପଲବ୍ଧ ସ୍ଥାନ ତଥା ଆଖପାଖରେ ଆବଶ୍ୟକୀୟ ଗ୍ରୀନବେଲ୍ଟ ବିକାଶ ଏବଂ ରକ୍ଷଣାବେକ୍ଷଣ କରାଯିବ |

ପ୍ରମୁଖ ଶବ୍ଦ ଉତ୍ପାଦନ ଉତ୍ସ ହେଉଛି Turbine, Turbo Generator, Compressor, Pump, Fan, କୋଇଲା ନିୟନ୍ତ୍ରଣ କାରଖାନା । 90 decibel (A) ଭିତରକୁ ଶବ୍ଦ ସ୍ତରକୁ ନିୟନ୍ତ୍ରଣ କରିବା ପାଇଁ Acoustic Treatment / ଯନ୍ତ୍ରପାତି ଡିଜାଇନ୍ ଅନ୍ତର୍ଭୁକ୍ତ କରାଯିବ | ଯେଉଁଠାରେ ଆବଶ୍ୟକ ହୁଏ, ଶ୍ରମିକମାନଙ୍କୁ କର୍ଣ୍ଣ ପ୍ଲଗ୍ / କର୍ଣ୍ଣ ମଫ୍ ଭଳି ପ୍ରତିରକ୍ଷା ଉପକରଣ ଯୋଗାଇ ଦିଆଯିବ |

ଯେତେବେଳେ ପ୍ରୋଜେକ୍ଟ କାର୍ଯ୍ୟକଳାପ ଆରମ୍ଭ ହୁଏ ଏବଂ ପ୍ରକଳ୍ପ ଉତ୍ପାଦନକ୍ଷମ ହେବା ପରେ ଲୋକମାନେ ବ୍ୟବସାୟ ସୁଯୋଗ ପାଇବେ । ସେହି କ୍ଷେତ୍ରରେ ଛୋଟ ଏବଂ ବଡ ବ୍ୟବସାୟର ସୁଯୋଗ ସୃଷ୍ଟି ହେବ ଯାହା ସ୍ଥାନୀୟ ଲୋକଙ୍କୁ ଅଧିକ ରାଜସ୍ୱ ପ୍ରଦାନ କରିବ | ଯେହେତୁ ଅନେକ ଶିଳ୍ପ ଏହି ଅଞ୍ଚଳରେ ଅବସ୍ଥିତ NLC ଇଣ୍ଡିଆ ତାପଜ ପ୍ରକଳ୍ପର ବିକାଶ କ୍ଷୁଦ୍ର ଏବଂ ମଧ୍ୟମ ସହାୟକ ଶିଳ୍ପଗୁଡିକର ଅଭିବୃଦ୍ଧି ତଥା ବିକାଶ ପାଇଁ ସୁଯୋଗକୁ ଉତ୍ସାହିତ କରିବ ଯାହା ଆଖପାଖର

ସାମାଜିକ ଅର୍ଥନୈତିକ ବିକାଶର ଉନ୍ନତି ଆଣିବ | କମ୍ପାନୀ ସ୍ଥାନୀୟ ପଞ୍ଚାୟତ ଏବଂ ଜିଲ୍ଲା ପ୍ରଶାସନର ପରାମର୍ଶ କ୍ରମେ ସ୍ୱାସ୍ଥ୍ୟ ସେବା, ଧନ୍ଦାମୂଳକ ଶିକ୍ଷା ଏବଂ ବିଶୁଦ୍ଧ ପାନୀୟ ଜଳ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ଦେବା ପାଇଁ ସ୍ଥାନୀୟ ପ୍ରଶାସନ ସହିତ ଘନିଷ୍ଠ ସମନ୍ୱୟରେ କାର୍ଯ୍ୟ କରିବ ଏବଂ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ବୃଦ୍ଧି ପାଇଁ ବୃତ୍ତିଗତ ତାଲିମ ପ୍ରଦାନ କରିବ |

ଏହି ପ୍ରକଳ୍ପ ସକରାତ୍ମକ ଭାବରେ ବ୍ୟବସାୟିକ ତଥା ନିଯୁକ୍ତି ସୁଯୋଗ, ସ୍ଥାନୀୟ ଲୋକଙ୍କ ମୁଣ୍ଡପିଛା ଆୟ ବୃଦ୍ଧି, ଉଭୟ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ରାଜସ୍ୱ ବୃଦ୍ଧି ଏବଂ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେବ । ଏହି ପରିପେକ୍ଷୀରେ NLC କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତାବିତ ତାପଜ ବିଦ୍ୟୁତ ପ୍ରକଳ୍ପ ଅର୍ଥ ନୀତିର ତ୍ୱରିତ ବିକାଶ କରିବା ସହିତ, ବିସ୍ଥାପିତ ଏବଂ ପ୍ରଭାବିତ ପରିବାର ଗୁଡିକୁ ସଠିକ ଭାବରେ ସଂସ୍ଥାପିତ କରିବ ।

## ଅଧ୍ୟାୟ-4

## ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାର

ପ୍ରସ୍ତାବିତ ଜମି ଅଧିଗ୍ରହଣ ଯୋଗୁଁ ପ୍ରଭାବିତ ହେବାକୁ ଥିବା ଗ୍ରାମଗୁଡ଼ିକରେ ସାମାଜିକ ପ୍ରଭାବ ଆକଳନ (SIA) 2019ରେ DCOR ସଂସ୍ଥା ପକ୍ଷରୁ କରାଯାଇଥିଲା । ସାମାଜିକ ପ୍ରଭାବ ଆକଳନ ରିପୋର୍ଟର ନିଷ୍କର୍ଷ ସଂପୃକ୍ତ ଗ୍ରାମ ପଞ୍ଚାୟତରେ ଜନଶୁଣାଣି ବେଳେ ପ୍ରକାଶ କରାଯାଇଥିଲା । ଚୂଡ଼ାନ୍ତ ରିପୋର୍ଟକୁ ବିଶେଷଜ୍ଞ କମିଟିର ସମୀକ୍ଷା ପାଇଁ ରଖାଯାଇଥିଲା । ବିଶେଷଜ୍ଞ କମିଟିର ସୁପାରିଶ କ୍ରମେ ସରକାରଙ୍କ ମଂଜୁରୀ ପାଇଁ ଦାଖଲ କରାଯାଇଥିଲା। ସାମାଜିକ ପ୍ରଭାବ ଅକଳନର ନିଷ୍କର୍ଷ ଅନୁସାରେ ଅଧିଗ୍ରହଣ ପାଇଁ ପ୍ରକଳ୍ପ ବିସ୍ଥାପିତ (PDFs) ଓ ପ୍ରକଳ୍ପ ପ୍ରଭାବିତ ପରିବାରର (PAFs) ବିବରଣୀ ନିମ୍ନରେ ଦିଆଗଲା ।

| କ୍ର. ନଂ | ଗ୍ରାମ | ମୁଳ ପରିବାର | ମୁଳ ବିସ୍ଥାପିତ ପରିବାର | ସଂପ୍ରସାରିତ ବିସ୍ଥାପିତ ପରିବାର |
|---|---|---|---|---|
| 1 | ହିରମା | 124 | ୩୯ | ୧୦୪ |
| 2 | ତରେଇକେଲା | 136 | ୧୨୯ | ୩୪୦ |
| 3 | କୁମ୍ଭାରୀ | 163 | ୧୨୩ | ୩୧୮ |
| 4 | ତୁମ୍ପେକେଲା | 89 | ୦ | ୦ |
| 5 | ଲୁହୁରେନ୍ କଛାର | ----- | ---- | ---- |
| | ମୋଟ | 512 | ୨୯୧ | ୭୬୨ |

| କ୍ର. ନଂ | ଗ୍ରାମ | ମୁଳ ପରିବାର | ମୁଳ ପ୍ରଭାବିତ ପରିବାର | ସଂପ୍ରସାରିତ ପ୍ରଭାବିତ ପରିବାର |
|---|---|---|---|---|
| 1 | ହିରମା | ୧୨୪ | ୮୫ | ୨୧୩ |
| 2 | ତରେଇକେଲା | ୧୩୬ | ୭ | ୧୫ |
| 3 | କୁମ୍ଭାରୀ | ୧୬୩ | ୪୦ | ୯୯ |
| 4 | ତୁମ୍ପେକେଲା | ୮୯ | ୮୯ | ୨୧୬ |
| 5 | ଲୁହୁରେନ୍ କଛାର | ----- | ----- | ---- |
| | ମୋଟ | ୫୧୨ | ୨୨୧ | ୫୪୩ |

***ବି.ଦ୍ର:*** *ସାମାଜିକ ପ୍ରଭାବ ଆକଳନ ରିପୋର୍ଟରେ ଉଲ୍ଲେଖ ଥିବା ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡ଼ିକର ସଂଖ୍ୟା ଅନୁମାନିକ ଭାବେ ଦିଆଯାଇଛି ଓ ଏହାର ପ୍ରକୃତ ସଂଖ୍ୟା ବିସ୍ଥାପନ ଓ ସ୍ଥାନାନ୍ତରଣ ବେଳେ ଓ ଜନସଂଖ୍ୟା ସଂପର୍କିତ ପରିବର୍ତ୍ତନ ଅନୁସାରେ ବଦଳିପାରେ ।*

## ଅଧ୍ୟାୟ-5

## ନୀତି ରୂପରେଖ

ପ୍ରସ୍ତାବିତ ଜମି ଅଧିଗ୍ରହଣ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଓ ନ୍ୟାୟସଂଗତ କ୍ଷତିପୂରଣ ଅଧିକାର ଆଇନ, ୨୦୧୩ (RFCTLARR) ଓ ଓଡ଼ିଶା ଜମି ଅଧିଗ୍ରହଣ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଓ ନ୍ୟାୟସଂଗତ କ୍ଷତିପୂରଣ ଅଧିକାର ନିୟମାବଳୀ, 2016 ଅନୁସାରେ ହୋଇଛି । ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ଏକ ସନ୍ତୁଳିତ ଆଭିମୁଖ୍ୟ/ ନୀତି ପାଇଁ RFCTLARR ଆଇନ, ୨୦୧୩ର ପରିକଳ୍ପନା କରାଯାଇଥିଲା । ଏହି ଆଇନ ଏକ ସମାନ ଓ ମାନକଭିତ୍ତିକ ଢାଞ୍ଚା ପ୍ରଦାନ କରେ ଓ ସବୁପ୍ରକାରର ବିସ୍ଥାପନକୁ ଏକ ସାଧାରଣ ଢାଞ୍ଚା ଅଧିନକୁ ଆଣେ ଓ କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ସରକାରୀ ବ୍ୟବସ୍ଥା ଧାର୍ଯ୍ୟକରେ ।

ଏକ ଅଂଶଗ୍ରହଣକାରୀ ଏବଂ ସ୍ୱଚ୍ଛ ପ୍ରକ୍ରିୟା ମାଧମରେ ନିରନ୍ତର ବିକାଶକୁ ସୁନିଶ୍ଚିତ କରିବା ପାଇଁ, ସରକାର ଏହି ଅଧିନିୟମ ମାଧମରେ ଏକ ବିସ୍ତୃତ ଥଇଥାନ ଏବଂ ପୁର୍ନବାସ ନୀତି ପ୍ରସ୍ତୁତ କରିଛନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି:-

1. କୃଷକ, ଜମି ହରାଉଥିବା ଲୋକ ଓ ଜମି ଅଧିଗ୍ରହଣ ଦ୍ୱାରା ଯେଉଁମାନଙ୍କ ଜୀବିକା ପ୍ରଭାବିତ ହେଉଛି ସେମାନଙ୍କ ଆଶଙ୍କାକୁ ଦୂର କରିବା ପାଇଁ ଜମି ଅଧିଗ୍ରହଣ ଏବଂ ଥଇଥାନ ଏବଂ ପୁର୍ନବାସ ବ୍ୟବସ୍ଥାର ଏକୀକରଣ ।
2. ପୁନର୍ବାସ ନୀତିର କାର୍ଯ୍ୟନ୍ୱୟନ, ତଦାରଖ, ବିବାଦ ସମାଧାନ ଓ ଅଭିଯୋଗ ସମାଧାନ ନିମନ୍ତେ ଏକ ସଂସ୍ଥାଗତ ବ୍ୟବସ୍ଥା ସ୍ଥାପନ ଦିଗରେ ସହାୟତା କରିବା ।
3. ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଏବଂ ପ୍ରଭାବିତ ପରିବାରଗୁଡିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ଏକ ସାମଗ୍ରିକ କ୍ଷତିପୂରଣ ପ୍ୟାକେଜ୍ ନିଶ୍ଚିତ କରିବା ।
4. ସ୍ୱେଚ୍ଛାଚାର ଜମି ଅଧିଗ୍ରହଣ ଦାଉରୁ ସୁରକ୍ଷା ପାଇଁ ପଞ୍ଚାୟତିରାଜ ସଂସ୍ଥାମାନଙ୍କ ବର୍ଦ୍ଧିତ ଭୂମିକା ନିଶ୍ଚିତ କରିବା

ଏହା ବ୍ୟତୀତ, ଜମି ଅଧିଗ୍ରହଣ ଏବଂ ଅନିଛାକୃତ ବିସ୍ଥାପନରୁ ଉତ୍ପନ୍ନ ସମସ୍ୟାର ପରିଚାଳନା ପାଇଁ ଏକ ନୀତିଗତ ଢାଞ୍ଚା ପ୍ରସ୍ତୁତ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଅଟେ । ଅଧିକନ୍ତୁ, ଓଡ଼ିଶା ବିସ୍ଥାପନ ଓ ପୁନଃ ଥଇଥାନ ନୀତି, ୨୦୦୬ରେ ଥିବା ବ୍ୟବସ୍ଥାଗୁଡ଼ିକ ଅନ୍ତର୍ଭୂକ୍ତିଭିତ୍ତିକ, ବ୍ୟାପକ ଏବଂ ସାମଗ୍ରିକ ଅଟେ ଏବଂ ସମସ୍ତ ପ୍ରକାରର ବିକାଶମୂଳକ ପ୍ରକଳ୍ପ ଯଥା ଶିଳ୍ପ, ଜଳସେଚନ, ଖଣି, ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟ, ସହରାଞ୍ଚଳ ପ୍ରକଳ୍ପ ଏବଂ ସଡ଼କ ଏବଂ ରେଳପଥ, ବିଦ୍ୟୁତ୍ ଲାଇନ ଆଦି ପାଇଁ ପ୍ରଯୁଜ୍ୟ ।

ଏହା ଅନନ୍ୟ ଏବଂ ଦେଶରେ ଏହା ପ୍ରଥମ । ଅନିଛାକୃତ ବିସ୍ଥାପନର ବିପଦକୁ ଦୂର କରିବା ପାଇଁ ଓଡ଼ିଶା ବିସ୍ଥାପନ ଓ ପୁନଃ ଥଇଥାନ ନୀତି, ୨୦୦୬ ରେ ଏକ ଅନ୍ତର୍ଭୁକ୍ତି ମୂଳକ, ବିସ୍ତୃତ, ସ୍ୱଚ୍ଛ ଏବଂ ଅଂଶଗ୍ରହଣକାରୀ ପ୍ରଣାଳୀ ରହିଛି ଯାହା ବିସ୍ଥାପିତ ପରିବାର ମାନଙ୍କ ପାଇଁ ପୁର୍ନବାସ ଏବଂ ଥଇଥାନ ଯୋଜନା ପ୍ରସ୍ତୁତ କରିବାରେ ସମ୍ପୂର୍ଣରୂପେ ସହାୟକ ହୋଇଥାଏ ।

ବିସ୍ଥାପିତ ତଥା ପ୍ରଭାବିତ ପରିବାରଗୁଡିକର ବୃହତ୍ତର ସ୍ୱାର୍ଥ ଲାଭ ପାଇଁ ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଉଭୟ ନୀତିର ସର୍ବୋତ୍ତମ ବୈଶିଷ୍ଟ ଗୁଡ଼ିକୁ ଗ୍ରହଣ କରିବାକୁ ଅଙ୍ଗୀକାରବଦ୍ଧ । ଏଥିସହ ଝାରସୁଗୁଡ଼ା ଜିଲ୍ଲା ଜମି ଅଧିଗ୍ରହଣ, ଅନିଛାକୃତ ବିସ୍ଥାପନ ଓ ପୁନଃ ଥଇଥାନ କ୍ଷେତ୍ରରେ ଅନେକ ସଫଳତାର କାହାଣୀ ଏବଂ ସର୍ବୋତ୍ତମ ଅଭ୍ୟାସ ଦେଖିଛି।

ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ଦ୍ୱାରା ପ୍ରକଳ୍ପ ବିସ୍ଥାପିତ ତଥା ପ୍ରଭାବିତ ପରିବାରଗୁଡ଼ିକ ପାଇଁ ସର୍ବୋତ୍ତମ କାର୍ଯ୍ୟ ଏବଂ ବିସ୍ଥାପନ ଓ ପୁନଃ ଥଇଥାନ ପ୍ୟାକେଜ୍/ ସୁବିଧା ପ୍ରଦାନ କରିବାକୁ ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ସମ୍ବେଦନଶୀଳ । ହିରମା, ତରେଇକେଲା, କୁମ୍ଭାରୀ, ଡୁମ୍ବେକେଲା ଓ ଲୁହୁରେନକଛାର ଗ୍ରାମର ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡ଼ିକୁ ସେହିପରି ଓ ତାଠାରୁ ଉତ୍ତମ ବିସ୍ଥାପନ ଓ ପୁନଃ ଥଇଥାନ ପ୍ୟାକେଜ୍/ ସୁବିଧା ଦେବାକୁ ନୀତିଗତ ନିର୍ଣ୍ଣୟ କରାଯାଇଛି ।

ବର୍ତ୍ତମାନର ପୂର୍ନବାସ କାର୍ଯ୍ୟ ଯୋଜନା ମଧ୍ୟ ପୂର୍ବ ନୀତି ପ୍ରଣୟନର ଅନୁଭୂତି, ଓଡ଼ିଶାର ବିଶେଷ କରି ଝାରସୁଗୁଡ଼ା ଜିଲ୍ଲାର ସର୍ବୋତ୍ତମ ନୀତିକୁ ଗ୍ରହଣ କରିବାକୁ ପ୍ରୟାସ କରାଯାଇଅଛି । ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରଭାବିତ ପରିବାର, ଜନମତ ସୃଷ୍ଟିକାରୀଙ୍କ ସମେତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ହିତାଧିକାରୀଙ୍କ ସହିତ ପରାମର୍ଶ, ଏବଂ ବିସ୍ଥାପନ ଓ ପୁନଃ ଥଇଥାନ ବିଶେଷଜ୍ଞ ଓ ଶିକ୍ଷାବିତଙ୍କ ମତାମତ ମଧ୍ୟ ଗ୍ରହଣ କରାଯାଇଛି । ବାସ୍ତବରେ ଏହା ବିସ୍ତୃତ ଓ ଅନ୍ତର୍ଭୁକ୍ତି ଭିତ୍ତିକ ଓ ଏଥିରେ ବିସ୍ଥାପିତ ଏବଂ ପ୍ରଭାବିତ ଲୋକଙ୍କ ସମସ୍ୟା ଏବଂ ଚିନ୍ତାଧାରାକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଡକ୍ୟୁମେଣ୍ଟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମସ୍ୟା ଓ ଚିନ୍ତାଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରିଛି ଓ ସେମାନଙ୍କର ଥଇଥାନ ଓ ପୁର୍ନବାସ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି । ସେମାନଙ୍କର ସାମାଜିକ, ସାଂସ୍କୃତିକ ବ୍ୟବସ୍ଥାର ପୁନରୁଦ୍ଧାର ଏବଂ ସର୍ବାଙ୍ଗୀନ ବିକାଶ ନିମନ୍ତେ ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ସର୍ବଦା ଯତ୍ନବାନ ହେବ ।

ଏହି ପରିପେକ୍ଷୀରେ ଏହା ସୁପାରିଶ କରାଯାଉଛି କି, ବିସ୍ଥାପିତ ଏବଂ ପ୍ରଭାବିତ ପରିବାରକୁ ଚିହ୍ନଟ କରିବା ବେଳେ ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଓଡ଼ିଶା ଥଇଥାନ ଓ ପୁର୍ନବାସ ନୀତି, ୨୦୦୬ ରେ ଥିବା ବ୍ୟବସ୍ଥାଗୁଡ଼ିକ ସର୍ବନିମ୍ନ ମାପକ ଭାବରେ ଅନୁସରଣ କରିବ । ହିରମା, ତରେଇକେଲା, କୁମ୍ଭାରୀ, ଡୁମ୍ବେକେଲା ଓ ଲୁହୁରେନକଛାର ଗ୍ରାମରେ ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡ଼ିକୁ ଚିହ୍ନଟ ବେଳେ ନିମ୍ନଲିଖିତ ନୀତି ଲାଗୁ ହେବ ।

- **"ବିସ୍ଥାପିତ ପରିବାର"** ହେଉଛି ଯେଉଁମାନେ ସାଧାରଣତ 11(1) ବିଜ୍ଞପ୍ତି ତାରିଖ ପୂର୍ବରୁ ପ୍ରକଳ୍ପ ଅଞ୍ଚଳରେ ବାସ କରୁଥାନ୍ତି ଏବଂ ତାଙ୍କ ଘରଡିହ ଜମି ଅଧିଗ୍ରହଣ ହେତୁ ଏହି ଅଞ୍ଚଳରୁ ବିସ୍ଥାପିତ ହୁଅନ୍ତି କିମ୍ୱା ବିସ୍ଥାପିତ ହେବା ଆବଶ୍ୟକ ପଡୁଥାଏ ।
- **"ପ୍ରଭାବିତ ପରିବାର"** ହେଉଛନ୍ତି ସେହିମାନେ, ଯେଉଁମାନଙ୍କର ଜମି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହୋଇଛି କିନ୍ତୁ ସେମାନଙ୍କର ଘରଡିହ ଅଧିଗ୍ରହଣ ହୋଇନଥିବାରୁ ବିସ୍ଥାପିତ ହୋଇନାହାନ୍ତି କିମ୍ୱା ବିସ୍ଥାପିତ ହେବା ଆବଶ୍ୟକ ନାହିଁ ।
- ଏକ **"ପରିବାର"** ରେ ବ୍ୟକ୍ତି ଏବଂ ତାଙ୍କ ପତ୍ନୀ (ସ୍ତ୍ରୀ ) ବା ପତି , ନାବାଳକ ପୁଅ, ଅବିବାହିତ ଝିଅ, ନାବାଳକ ଭାଇ କିମ୍ୱା ଅବିବାହିତ ଭଉଣୀ, ପିତା, ମାତା ଏବଂ ଅନ୍ୟ ସଦସ୍ୟମାନେ ତାଙ୍କ ସହିତ ରୁହନ୍ତି ଏବଂ ଜୀବିକା ନିର୍ବାହ ପାଇଁ ତାଙ୍କ ଉପରେ ନିର୍ଭରଶୀଳ ଥାନ୍ତି ।

ଆହୁରି ମଧ୍ୟ, ଉକ୍ତ ନୀତି ଅନୁଯାୟୀ ଥଇଥାନ ସୁବିଧା ପ୍ରଦାନ କରିବା ନିମନ୍ତେ ନିମ୍ନକିଖିତ ଶ୍ରେଣୀଗୁଡ଼ିକୁ ଏକ ପୃଥକ ପରିବାର ଭାବରେ ଗ୍ରହଣ କରାଯିବ ।

- ଜଣେ ସାବାଳକ ପୁଅ କିମ୍ୱା ନାତି, ସେ ବିବାହିତ ଥାଆନ୍ତୁ କିମ୍ୱା ଅବିବାହିତ ।
- ଜଣେ ସାବାଳିକା ଅବିବାହିତା ଝିଅ, ନାତୁଣି କିମ୍ୱା ଭଉଣୀ ।
- ବୟସ ଓ ଲିଙ୍ଗ ନିର୍ବିଶେଷରେ ଶାରୀରିରୀକ ଓ ମାନସିକଭାବେ ଭିନ୍ନକ୍ଷମ ବ୍ୟକ୍ତି (ଏକ କ୍ଷମତାପ୍ରାପ୍ତ ମେଡିକାଲ ବୋର୍ଡ ଦ୍ୱାରା ପ୍ରମାଣିତ ହେବା ଆବଶ୍ୟକ ) । ଏ କ୍ଷେତ୍ରରେ 40 ପ୍ରତିଶତରୁ ଅଧିକ ସ୍ଥାୟୀ

ଅକ୍ଷମତା ଭୋଗୁଥିବା  ଦୃଷ୍ଟିହୀନ / ବଧିର/ଅଙ୍ଗଗତ ଅକ୍ଷମ/ ମାନସିକ ଅକ୍ଷମମାନଙ୍କୁ ଏକ ସ୍ୱତନ୍ତ୍ର ପରିବାର ଭାବେ ଧରାଯିବ ।

- ନାବାଳକ/ ନାବାଳିକା ଅନାଥ, ଯିଏ ନିଜ ପିତାମାତାଙ୍କୁ ହରାଇଛନ୍ତି ।
- ନିୟମଭ୍ତ ଜଣେ ବିଧବା କିମ୍ବା ଛାଡପତ୍ର ପାଇଥିବା ମହିଳା ।

## କଟ୍-ଅଫ ତାରିଖ

A. କ୍ଷତିପୂରଣ ପ୍ରଦାନ ନିମିତ୍ତ, କଟ୍ ଅଫ୍ ତାରିଖ 11(1)   ବିଜ୍ଞପ୍ତି ପ୍ରକାଶ ତାରିଖ ହେବ ଯେଉଁ ତାରିଖରେ RFCTLARR ଅଧିନିୟମ, ୨୦୧୩ ଅଧୀନରେ ଜମି ଅଧିଗ୍ରହଣ କରିବାର ଉଦ୍ଦେଶ୍ୟ ଦର୍ଶାଇ ବିଜ୍ଞପ୍ତି ପ୍ରକାଶ ପାଇଥିବ ।

B. ଥଇଥାନ ଓ ପୁର୍ନବାସ ସୁବିଧା ପାଇବା ନିମନ୍ତେ ଯୋଗ୍ୟତା ଘୋଷଣା ଉଦ୍ଦେଶ୍ୟ ଲାଗି, ବିସ୍ଥାପିତ ପରିବାରଗୁଡିକର ତାଲିକା ସେହିବର୍ଷର ଜାନୁଆରୀ 1  ରେ ନବୀକୃତ ହେବ, ଯେଉଁବର୍ଷ ବିସ୍ଥାପନ କରାଯିବାର ଯୋଜନା ରହିଛି । ତେବେ ଯେଉଁ ପରିବାରଗୁଡ଼ିକ କଟ-ଅଫ ତାରିଖ ପରେ ପ୍ରକଳ୍ପ ଅଞ୍ଚଳକୁ ରହିବାକୁ ଆସନ୍ତି ସେମାନଙ୍କୁ ଏହି ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ କରାଯିବ ନାହିଁ ।

## ଅଧ୍ୟାୟ-6

## ଉଦ୍ଦେଶ୍ୟ ଓ ଅଗ୍ରଗତି

ଏହି ଥଇଥାନ ଓ ପୁର୍ନବାସ ଯୋଜନାର ଉଦ୍ଦେଶ୍ୟ ହେଉଛି-

- ଆକ୍ଷରିକ ଓ ଅନ୍ତର୍ନିହିତ ଅର୍ଥ ଅନୁସାରେ RFCTLARR ଆଇନ, ୨୦୧୩ ଏବଂ ଓଡ଼ିଶା ପୁର୍ନବାସ ଏବଂ ଥଇଥାନ ନୀତି(ORRP) ୨୦୦୬ ର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ।
- ଅନିଚ୍ଛାକୃତ ବିସ୍ଥାପନର ଆଶଙ୍କା କୁ ବିଲୋପ କରିବା ।
- ଉନ୍ନତ ସୁବିଧା ଏବଂ ଭିତ୍ତିଭୂମି ସହିତ ଥଇଥାନ ଓ ପୁର୍ନବାସ ବାସସ୍ଥାନ ପ୍ରତିଷ୍ଠା କରିବା ।
- ବିସ୍ଥାପିତ ଏବଂ ପ୍ରଭାବିତ ସମ୍ପ୍ରଦାୟର ସାଂସ୍କୃତିକ ବୈଶିଷ୍ଟ୍ୟର ସମ୍ମାନ, ସୁରକ୍ଷା ଏବଂ ସଂରକ୍ଷଣ ।
- ଦୀର୍ଘସ୍ଥାୟୀ ଜୀବିକା ସୁନିଶ୍ଚିତ କରିବା ଏବଂ ଆୟ ବୃଦ୍ଧି କରିବା ।
- ବିସ୍ଥାପିତ ଏବଂ ପ୍ରଭାବିତ ପରିବାରଗୁଡିକ ପାଇଁ ଉନ୍ନତ ଏବଂ ବିସ୍ତୃତ ଥଇଥାନ ଓ ପୁର୍ନବାସ (R&R) ସୁବିଧା ପ୍ରଦାନ କରିବା ।
- ବିସ୍ଥାପନ ପରବର୍ତ୍ତୀ ସମୟରେ ଜୀବନଧାରଣର ମାନ ବୃଦ୍ଧି କରିବା ।
- ଥଇଥାନ ଏବଂ ପୁର୍ନବାସ କ୍ଷେତ୍ରରେ ଦୀର୍ଘସ୍ଥାୟୀ କାର୍ଯ୍ୟପଦ୍ଧତିକୁ ପ୍ରୋତ୍ସାହିତ କରିବା ।
- ଥଇଥାନ ଓ ପୁର୍ନବାସ କାର୍ଯ୍ୟ ଯୋଜନାର ସଫଳ ଏବଂ ସମୟାନୁବର୍ତ୍ତୀ ସମାପ୍ତି ନିଶ୍ଚିତ କରିବା
- ଥଇଥାନ ଓ ପୁର୍ନବାସ କାର୍ଯ୍ୟ ଯୋଜନାର ତଦାରଖ ଓ ମୂଲ୍ୟାଙ୍କନ ପାଇଁ ବେଞ୍ଚମାର୍କିଂ ବା ମାନକ ବ୍ୟବସ୍ଥା କରିବା ।
- ଅକ୍ଷୟ ଉର୍ଜାକୁ ବ୍ୟବହାର କରି ଥଇଥାନ ଓ ପୁର୍ନବାସ ବାସସ୍ଥାନରେ ଶକ୍ତିଦକ୍ଷତା ଆଣିବା ।
- ପ୍ରକଳ୍ପ ଅଧିକାରୀ ଏବଂ ବିସ୍ଥାପିତ ଲୋକମାନଙ୍କ ମଧ୍ୟରେ ସାମାଜିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ।
- ଦୁର୍ବଳ ଗୋଷ୍ଠୀ ବିଶେଷକରି ମହିଳା , ଶିଶୁ ଏବଂ ବୃଦ୍ଧମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ।
- ପାରିପାର୍ଶ୍ୱିକ ଗ୍ରାମଗୁଡିକରେ ବିକାଶମୂଳକ ପଦକ୍ଷେପ ମାଧ୍ୟମରେ ଉନ୍ନତ ମାନଦଣ୍ଡ ପ୍ରଦାନ କରିବା
- ଓଡ଼ିଶା ରାଜ୍ୟରେ ବିସ୍ଥାପନ ଓ ପୁନଃ ଥଇଥାନ ବେଞ୍ଚମାର୍କିଂ ଏବଂ ମାନକୀକରଣକୁ ବୃଦ୍ଧି କରିବା ।

# ଥଇଥାନ ଓ ପୁର୍ନବାସ ପାଇଁ ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ର ଆଭିମୁଖ୍ୟ

1. ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରଭାବିତ ପରିବାରଗୁଡ଼ିକର ସଂପୂର୍ଣ୍ଣ ଓ ସାମଗ୍ରିକ ବିକାଶ ।
2. ଥଇଥାନ ଓ ପୁର୍ନବାସ ଯୋଜନା ଏବଂ କାର୍ଯ୍ୟାନ୍ୱୟନରେ ବିସ୍ଥାପିତ ଏବଂ ପ୍ରଭାବିତ ପରିବାରଗୁଡ଼ିକର ଅଂଶଗ୍ରହଣ ।
3. ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ।
4. ଅନୁଷ୍ଠାନିକରଣ ଏବଂ ଏକ ବ୍ୟବସ୍ଥାକୁ ସ୍ଥାପନ କରିବା ।
5. ସମୟସୀମାର ଅନୁପାଳନ।
6. ଅଭିଯୋଗ ପ୍ରତିକାର

ଏହା ସୁପାରିଶ କରାଯାଉଛି ଯେ, ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ନିଜର ପ୍ରକଳ୍ପ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ବିସ୍ଥାପନ କରିବା ପୂର୍ବରୁ ଓଡ଼ିଶା ସରକାରଙ୍କ ଜମି ଅଧିଗ୍ରହଣ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଓ ନ୍ୟାୟସଂଗତ କ୍ଷତିପୂରଣ ଅଧିକାର (RFCTLARR) ଆଇନ, ୨୦୧୩, ପରବର୍ତ୍ତୀ କାଳରେ ଏଥିରେ ହୋଇଥିବା ସଂଶୋଧନ, ନୂଆ ନିୟମ ଓ ପରିବର୍ତ୍ତନ ତଥା ଓଡ଼ିଶା ସରକାରଙ୍କ ଦ୍ୱାରା ଅଣାଯାଇଥିବା ଅନ୍ୟ କୌଣସି ଆଇନ ବା ନୀତିର ଅନୁପାଳନ ସହିତ ଓଡ଼ିଶା ବିସ୍ଥାପନ ଓ ପୁନଃ ଥଇଥାନ ନୀତି, ୨୦୦୬ ଓ ଏଥିରେ ଅଣାଯାଇଥିବା ସଂଶୋଧନରେ ଥିବା ସୁବିଧାକୁ ସାମିଲ କରିବ ଓ ସେହି ଅନୁଯାୟୀ କାର୍ଯ୍ୟପନ୍ଥା ଅବଲମ୍ବନ କରିବ ।

ପ୍ରସ୍ତାବିତ ଜମି ଅଧିଗ୍ରହଣ ଏବଂ ବିସ୍ଥାପନ ଓ ଥଇଥାନ ସଂପର୍କିତ ସମସ୍ତ ସମସ୍ୟା/ ମାମଲାର ସମାଧାନ ପାଇଁ ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଏକ ସକ୍ଷମ ବ୍ୟବସ୍ଥା ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବାକୁ ପ୍ରସ୍ତାବ ଦେଉଛି । ଏହା ସମସ୍ତ ପକ୍ଷଙ୍କ ମଧ୍ୟରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ, ଏବଂ ଭରସାକୁ ସୁନିଶ୍ଚିତ କରିବ ।

ଏହି ଡକ୍ୟୁମେଣ୍ଟ ହେଉଛି ଥଇଥାନ ଏବଂ ପୁର୍ନବାସ ପାଇଁ କେତେକ ସୁପାରିଶ । ଏଥିରେ ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରଭାବିତ ପରିବାରକୁ ଦିଆଯିବାକୁ ଥିବା ସୁବିଧା ଏବଂ ସୁଯୋଗଗୁଡ଼ିକର ତାଲିକା ଦିଆଯାଇଛି ଯାହାକି ଥଇଥାନ ଏବଂ ପୁର୍ନବାସ ଯୋଜନା ଏବଂ କାର୍ଯ୍ୟାନ୍ୟୁନ ବେଳେ ଅନୁସରଣ କରାଯିବ । ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରଭାବିତ ପରିବାରଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଥଇଥାନ ଏବଂ ପୁର୍ନବାସ ପ୍ରକଳ୍ପର ସଫଳ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ଏହି ଡକ୍ୟୁମେଣ୍ଟରେ/ ଦଲିଲରେ କେତେକ ମାନଦଣ୍ଡ/ ବେଞ୍ଚମାର୍କ ପ୍ରସ୍ତୁତ କରାଯାଇଛି, ଯାହାକୁ ପ୍ରକଳ୍ପ ନିର୍ମାଣକାରୀ ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଅନୁସରଣ କରିବ ।

## ଅଧ୍ୟାୟ-7

## ଡ୍ରାଫ୍ଟ ଥଇଥାନ ଓ ପୁନର୍ବାସ କାର୍ଯ୍ୟଯୋଜନା ଉପରେ ଜନଶୁଣାଣୀ

ଜମି ଅଧିଗ୍ରହଣ ଏବଂ ଥଇଥାନ ଓ ପୁର୍ନବାସ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ପୁର୍ନବାସ ଓ ଥଇଥାନ ନୀତି 2013 ମସିହାରେ ଭାରତ ସରକାର ଜମି ଅଧିଗ୍ରହଣ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଓ ନ୍ୟାୟସଂଗତ କ୍ଷତିପୂରଣ ଅଧିକାର ଆଇନର, Section16(5) ଅନୁଯାୟୀ ପ୍ରଭାବିତ ଅଞ୍ଚଳରେ ଜନଶୁଣାଣୀ ପାଇଁ ବ୍ୟବସ୍ଥା ପ୍ରଦାନ କରାଯାଇଛି । ଏହି କ୍ରମେ ଜିଲ୍ଲାପାଳ, ଝାରସୁଗୁଡ଼ାଙ୍କ ପତ୍ର ସଂଖ୍ୟା ୧୧୭୨୬ ତା; ୧୭.୧୧. ୨୦୨୨ ଅନୁଯାୟୀ ପ୍ରକଳ୍ପ ନିର୍ଦେଶିକା ତଥା ପ୍ରସାଶକ ପୁନର୍ବାସ ଓ ଥଇଥାନ, ଝାରସୁଗୁଡା ଦ୍ୱାରା ତା: ୦୨.୧୨.୨୦୨୨ ରେ ହୀରମା ଗ୍ରାମପଞ୍ଚାୟତର ଗରିଆଡିହି ଖେଳ ପଡିଆରେ ଉକ୍ତ ବିବରଣୀ ସମ୍ବନ୍ଧରେ କ୍ଷତିଗ୍ରସ୍ତ ପରିବାରଙ୍କ ମତାମତ ନେବା ନିମନ୍ତେ ନିମ୍ନସୂଚୀ ଅନୁଯାୟୀ ପ୍ରକଳ୍ପ ନିର୍ଦ୍ଦେଶିକା ତଥା ପ୍ରଶାସକ (ପୁନର୍ବାସ ଓ ଥଇଥାନ) ଝାରସୁଗୁଡ଼ାଙ୍କ ଉପସ୍ଥିତିରେ ଜନଶୁଣାଣୀ ଆୟୋଜିତ କରାଯାଇଥିଲା । ଡ୍ରାଫ୍ଟ ଥଇଥାନ ଓ ପୁନର୍ବାସ ଯୋଜନାର ବ୍ୟାପକ ପ୍ରଚାର ପାଇଁ ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ, ତହସିଲଦାର, ବିଡ଼ିଓ କାର୍ଯ୍ୟାଳୟ କୁ ବ୍ୟାପକ ରୂପେ ପ୍ରସାର ପାଇଁ ପଠା ଯାଇ ଥିଲା ।

### ଜନଶୁଣାଣୀର କାର୍ଯ୍ୟସୂଚୀ

| ପ୍ରଭାବିତ ଗ୍ରାମ | ଦିନାଙ୍କ | ସମୟ | ସ୍ଥାନ |
|---|---|---|---|
| ହୀରମା | ୦୨.୧୨.୨୦୨୨ | ୧୦:୩୦ ସକାଳ | ଗରିଆଡିହି ଗ୍ରାଉଣ୍ଡ (ହୀରମା) |
| ତୁମ୍ୱେକେଲା | | | |
| କୁମ୍ଭାରୀ | | | |
| ତରେଇକେଲା | | | |
| ଲୁହେରଂକଛାର | | | |

### ଜନଶୁଣାଣିର ଉଦ୍ଦେଶ୍ୟ

ଜନଶୁଣାଣିର ଉଦ୍ଦେଶ୍ୟ ଗୁଡିକ ହେଉଛି:

- ବିସ୍ଥାପିତ ପରିବାର ମାନଙ୍କ ପାଇଁ ଥଇଥାନ ଓ ପୁନର୍ବାସ ଯୋଜନା ବିଷୟରେ ସଚେତନତା ।
- ସେହି ଅଂଚଳର ପ୍ରଭାବିତ ଲୋକଙ୍କ ଠାରୁ ଡ୍ରାଫ୍ଟ ଥଇଥାନ ଓ ପୁନର୍ବାସ ଯୋଜନା ଉପରେ ମତାମତ ଏବଂ ପ୍ରତିକ୍ରିୟା ସଂଗ୍ରହ କରି ଡ୍ରାଫ୍ଟ ଥଇଥାନ ଓ ପୁନର୍ବାସ ଯୋଜନାକୁ ଅନୁମୋଦନ କରିବା ପାଇଁ ଆଗକୁ ବଢ଼ାଇବା ।
- ପ୍ରଭାବିତ ଲୋକଙ୍କୁ RFCTLAR&R ଆଇନ ୨୦୧୩, ଥଇଥାନ ଓ ପୁନର୍ବାସ ସୁବିଧା, ବିସ୍ଥାପନ କ୍ଷେତ୍ର ରେ ସେମାନଙ୍କର ଅଧିକାର ଏବଂ ଦେୟ ବିଷୟରେ ସୂଚନା ଦେବା ।
- ବିସ୍ଥାପିତ ପରିବାରଙ୍କ ଜନଶୁଣାଣି ସଭାରେ ତାଙ୍କର ପ୍ରସ୍ତାବ ଶୁଣି, ବିଶ୍ଳେଷଣ କରି ଥଇଥାନ ଓ ପୁନର୍ବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ।

## ଗରିଆଡିହି ଖେଳ ପଡିଆରେ ଜନଶୁଣାଣି

କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରକଳ୍ପ ନିର୍ଦ୍ଦେଶିକା ତଥା ପ୍ରଶାସକ (ପୁନର୍ବାସ ଓ ଥଇଥାନ) ଝାରସୁଗୁଡ଼ା, ତହସିଲଦାର ଝାରସୁଗୁଡ଼ା ଏବଂ NLC India Limited ର ଅଧିକାରୀଙ୍କ ସହିତ ହୀରମା ପଞ୍ଚାୟତର ଗରିଆଡିହି ଖେଳ ପଡିଆରେ ଦିନାଙ୍କ ୦୨.୧୨.୨୦୨୨ ସକାଳ ୧୦:୩୦ ସମୟରେ ପହଞ୍ଚିଥିଲେ । ଜନଶୁଣାଣି ସମୟରେ ଆଇନ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ପୋଲିସର ବ୍ୟବସ୍ଥା ଏବଂ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ନିୟୋଜନ କରାଯାଇଥିଲା । ବହୁ ସଂଖ୍ୟାରେ ଗ୍ରାମବାସୀ ମାନେ ଜନଶୁଣାଣି ଶିବିରରେ ଉପସ୍ଥିତ ହୋଇଥିଲେ । ଏହି ଜନଶୁଣାଣିର ଉଦ୍ଦେଶ୍ୟ ବିଷୟରେ ପ୍ରଶାସକ ଥଇଥାନ ଓ ପୁନର୍ବାସ ଗ୍ରାମବାସୀଙ୍କୁ ବୁଝାଇଥିଲେ । ଡ୍ରାଫ୍ଟ ଥଇଥାନ ଓ ପୁନର୍ବାସ ଯୋଜନାରେ ଉଲେଖ କରାଯାଇ ଥିବା ବ୍ୟବସ୍ଥା ଗୁଡିକୁ ମଧ ପଢି ସେମାନଙ୍କ ମତାମତ ନେଇଥିଲେ । ପରବର୍ତୀ ସମୟରେ ବିସ୍ଥାପିତ ପରିବାରଙ୍କୁ ତାଙ୍କ ପ୍ରସ୍ଥାବ ଉପସ୍ଥାପନା କରିବାକୁ କୁହା ଯାଇଥିଲା । କିଛି ଗ୍ରାମ ବାସୀ ଏହି ପ୍ରକଳ୍ପକୁ ବିରୋଧ କରୁଥିବା ବେଳେ କିଛି ଗ୍ରାମବାସୀଙ୍କଠାରୁ ଥଇଥାନ ଓ ପୁନର୍ବାସ ସମ୍ବନ୍ଧୀୟ କିଛି ଦାବି ସହିତ କିଛି ଲିଖିତ ମତାମତ ଗ୍ରହଣ କରା ଯାଇଥିଲା ।

## ଜନଶୁଣାଣିର  ଫଟୋଗ୍ରାଫ



**ଅଭିଯୋଗ ଶୁଣାଣିରେ ବିସ୍ଥାପିତ ପରିବାରଙ୍କ ମତାମତ ନିମ୍ନରେ ଦିଆଗଲା:**

- ତରେଇକେଲା ଗ୍ରାମରେ ଅନ୍ୟ ଲୋକଙ୍କ ଜମିରେ ଦୀର୍ଘ ୧୫୦ ବର୍ଷରୁ ଉର୍ଦ୍ଧ୍ୱଦିନ ଧରି ରହି ଆସୁଥିବା ୮ ଟି ସ୍ଥାୟୀ ବାସିନ୍ଦାକୁ PDF ର ମାନ୍ୟତା ଦିଆଯାଉ ।
- ନଦୀ କୁଳରେ ଥିବା ଅବଶିଷ୍ଟ ବଳକା ଜମିକୁ ଅଧିଗ୍ରହଣ କରିବା ପାଇଁ ଶୀଘ୍ର ପଦକ୍ଷପ ନିଆଯାଉ ।
- ୧୯୬୦ ଓ ୨୦୦୧ ବର୍ଷ ରେ ବନ୍ୟାରେ ବିସ୍ଥାପିତ ହୋଇ ଗୋଚର, ଗ୍ରାମ୍ୟ ଜଙ୍ଗଲ ଓ ଅନ୍ୟ ଜମିରେ ରହୁଥିବା ପରିବାର ଗୁଡିକୁ PDFରେ ସାମିଲ କରାଯାଉ ।
- ଜମିର ମୂଲ୍ୟକୁ ଏକର ପ୍ରତି ଏକ କୋଟି ପ୍ରଦାନ କରାଯାଉ ।
- ଅଧିଗ୍ରହଣ ହେଉଥିବା ସମସ୍ତ ଜମିକୁ ଦୁଇ କିସମ (ଘରବାରି ଓ ସାଧାରଣ) ହିସାବରେ ମୂଲ୍ୟ ପ୍ରଦାନ କରାଯାଉ ।
- ବିସ୍ଥାପିତ ପରିବାରର ୧୮ ବର୍ଷରୁ ଉର୍ଦ୍ଧ୍ୱ ପୁଅ ଝିଅଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ ।
- ନିଯୁକ୍ତି ବାବଦକୁ ଏକକାଳୀନ ୫୦ ଲକ୍ଷ ଟଙ୍କା ଦିଆଯାଉ ।
- ବିସ୍ଥାପିତ ପରିବାରଙ୍କୁ ହୀରମା ପଞ୍ଚାୟତରେ ଥଇଥାନ କରାଯାଉ ।
- ବିସ୍ଥାପିତ ପରିବାର ରହୁଥିବା R&R କଲୋନୀରେ ସବୁଦିନ ପାଇଁ ନିଶୁଳ୍କ ବିଦ୍ୟୁତ ଯୋଗାଇ ଦିଆଯାଉ ।
- ବିସ୍ଥାପିତ ପରିବାରର ପୁଅ ଝିଅଙ୍କୁ ନିଃଶୁଳ୍କ ଶିକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଉ ।
- ଥଇଥାନ ଓ ପୁନର୍ବାସ ଯୋଜନା ଅନୁଯାୟୀ ବିସ୍ଥାପିତ ପରିବାରଙ୍କୁ ଉନ୍ନତମାନର ଗୃହ ଦିଆଯାଉ ।
- ୧୮ ବର୍ଷରୁ ଉର୍ଦ୍ଧ ସମସ୍ତ ବ୍ୟକ୍ତିଙ୍କୁ ମାସିକ ୫୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉ ।
- ନବକୃଷ୍ଣ ଚୌଧୁରୀ ସଂସ୍ଥା ଦ୍ୱାରା ଦିଆଯାଇଥିବା SIA ତଥ୍ୟ ସମ୍ପୂର୍ଣ ଭୁଲ ।
- ବହୁଦର୍ଶୀ ବିଶେଷଜ୍ଞ ଦଳ ବେଆଇନ ଭାବରେ ଗଠିତ ଏବଂ ସର୍ବେକ୍ଷଣ ଉପଯୁକ୍ତ ଭାବରେ କରାଯାଇନାହିଁ ।
- ବିସ୍ଥାପିତଘର ଠିକ ହିସାବରେ ମାପ କରାଯାଇନାହିଁ ଏଣୁ କମ୍ପାନୀକୁ ସମ୍ପୂର୍ଣ ଭାବରେ ବନ୍ଦ କରାଯାଉ ।

# ଅଧ୍ୟାୟ-୪

## ଥଇଥାନ ଓ ପୁର୍ନବାସ ପ୍ୟାକେଜ୍

ପ୍ରସ୍ତାବିତ ଥଇଥାନ ଏବଂ ପୁର୍ନବାସ ପ୍ୟାକେଜ୍ ଓଡ଼ିଶା ପୁର୍ନବାସ ଏବଂ ଥଇଥାନ ନୀତି (ORRP), ୨୦୦୬ ଏବଂ RFCTLAR&R ଆଇନ ୨୦୧୩ ପ୍ରଦାନ କରାଯାଇଥିବା ସର୍ବୋତ୍ତମ ବ୍ୟବସ୍ଥା ଉପରେ ଆଧାରିତ । ଥଇଥାନ ଓ ପୁର୍ନବାସ କଲୋନୀରେ ନିର୍ମାଣ ହେବାକୁ ଥିବା ଭିତ୍ତିଭୂମି ଓ ମୌଳିକ ସୁବିଧାଗୁଡ଼ିକ ଅଧ୍ୟାୟ-୫ ଓ RFCTLAR&R ଆଇନ ୨୦୧୩ ର 3ୟ ସିଡ୍ୟୁଲ ଅନୁସରଣରେ କରାଯିବ । ଏହାସହିତ ଝାରସୁଗୁଡ଼ା କିମ୍ବା ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ପୂର୍ବରୁ ହୋଇଥିବା ସଫଳ କାର୍ଯ୍ୟକୁ ବିଚାରକୁ ନିଆଯିବ । ସୁପାରିଶ କରାଯାଉଛି ଯେ, ନିମ୍ନଲିଖିତ ଥଇଥାନ ଓ ପୁର୍ନବାସ ସୁବିଧାଗୁଡ଼ିକ ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରକୁ ଏହି ସର୍ତ୍ତରେ ଦିଆଯିବ ଯେ ଅଧିଗ୍ରହଣ ହୋଇଥିବା ଜମି ହସ୍ତାନ୍ତର କରାଯାଇଥିବ ଓ ଜମିକୁ ଖାଲି କରି ପରିବାରଗୁଡ଼ିକର ପୁର୍ନବାସ ସ୍ଥଳୀକୁ ସ୍ଥାନାନ୍ତରିତ ହୋଇଥିବ ଓ ପୁରୁଣା ଗ୍ରାମରେ ଥିବା ଘରଗୁଡ଼ିକୁ ଭଙ୍ଗାଯାଇଥିବ । ପ୍ରସ୍ତାବିତ ବିସ୍ଥାପନ ଓ ପୁନଃ ଥଇଥାନ ପଦକ୍ଷେପଗୁଡ଼ିକ ନିମ୍ନରେ ଦିଆଗଲା ।

### କ. ଥଇଥାନ ସୁବିଧାର ଏକ ତୁଳନାତ୍ମକ ବିଶ୍ଳେଷଣ

| ପ୍ରସ୍ତାବିତ ପୁନର୍ବାସ ଓ ଥଇଥାନ ସହାୟତା | | | | |
|---|---|---|---|---|
| **କ୍ରମିକ ନଂ** | **ବର୍ଣ୍ଣନା** | **ଏଲ୍.ଏ.ଆର୍.ଅର୍ ଏକ୍ଟ୍ ,୨୦୧୩** | **ଓଡ଼ିଶା ଆର୍.ଏଣ୍ଡ ଆର୍ ପଲିସୀ, ୨୦୦୬** | **ଏନ୍.ଏଲ୍.ସି.ଆଇ.ଏଲ** |
| a) | **ଗୃହ** | | **ସଂଶୋଧିତ** | |
| i | ବିସ୍ଥାପିତ ପରିବାର ନିମନ୍ତେ ଗୃହ ନିର୍ମାଣ ସହାୟତା | ଇନ୍ଦିରା ଆୱାସ ଯୋଜନା ନିର୍ଦ୍ଦିଷ୍ଟ ଅନୁଯାୟୀ ଏକ ନିର୍ମିତ ଘର ଯୋଗାଇ ଦିଆଯିବ | ୧) ଏକରର ୧/୧୦ ର ଏକଦଶମୀଶ (୦.୧୦)<br>୨) ପ୍ରକଳ୍ପ ପ୍ରାଧିକରଣ ପ୍ରତ୍ୟେକ ବିସ୍ଥାପିତ ପରିବାର ପାଇଁ ଘର ନିର୍ମାଣ କରିବେ । | ୧)ପ୍ରତ୍ୟେକ ବିସ୍ଥାପିତ ପରିବାର ଯେଉଁମାନେ ପୁନର୍ବାସ କଲୋନିରେ ବାସଗୃହ ନେବାକୁ ଚାହିଁବେ ତାଙ୍କୁ ବାସଗୃହ ନିମନ୍ତେ ଏ.୦.୧୦ ଡ଼ି ପର୍ଯ୍ୟନ୍ତ ଘରବାଡ଼ି କିସମ ଜମି ପ୍ରଦାନ କରାଯିବ<br>୨) ସମସ୍ତ ପରିବାର ଯାହଙ୍କୁ ଜମିପଟା ପ୍ରଦାନ କରାଯିବ ଉକ୍ତ ଜମି ଉପରେ ଏନ୍.ଏଲ୍.ସି ଇଣ୍ଡିଆ ଲିଃ ଦ୍ୱାରା ୧୦୬୭ ବର୍ଗଫୁଟ ପରିମିତ ଏକ ବାସଗୃହ ନିର୍ମାଣ କରାଯିବ ଯାହା ମଧ୍ୟରେ ୨ ଗୋଟି ସୟନ କକ୍ଷ, ୧ ଗୋଟି ଭୋଜନ କକ୍ଷ, ୧ ଗୋଟି ରୋଷେଇ ଘର, ୧ ଗୋଟି ପାଇଖାନା, ୧ ଗୋଟି ଗାଧୁଆ ଘର, ୧ ଗୋଟି ଗୁହାଳଘର ଓ ସୀଡି ଉପଲବ୍ଧ ହେବ । |
| | **(କିମ୍ବା)** | | **(କିମ୍ବା)** | **(କିମ୍ବା)** |

| | | | | |
|---|---|---|---|---|
| | ଅନ୍ୟତ୍ର ବସବାସ ପାଇଁ ସହାୟତା | | ୧) ଘରଡିହ ବଦଳରେ ଟଙ୍କା ୧,୦୪,୧୫୫/- ଦିଆଯିବ ୨) ଘର ନିର୍ମାଣ ସହାୟତା ନିମନ୍ତେ ଟଙ୍କା ୩,୧୨,୪୬୫ ଦିଆଯିବ | ୧) ଘର କିମ୍ବା ଘର ଡିହ ବଦଳରେ ଟଙ୍କା ୧,୦୪,୧୫୫/- ଦିଆଯିବ<br>୨) ଘର ନିର୍ମାଣ କରିବା ପାଇଁ ଏନ୍.ଏଲ୍.ସି.ଆଇ.ଏଲ୍ ଦ୍ୱାରା ୭୦% ସହାୟତା ରାଶି କିମ୍ବା ଟଙ୍କା ୭,୭୦,୦୦୦ ଲକ୍ଷ ତନ୍ମଧ୍ୟରୁ ଯାହା ଅଧିକ । |
| b) | **ଚାକିରି ବଦଳରେ ଏକକାଳୀନ ଆର୍ଥିକ ପରିମାଣ ସହାୟତା:** | | | |
| ii | ଶ୍ରେଣୀ (୧)<br>ଶ୍ରେଣୀ (୨)<br>ଶ୍ରେଣୀ (୩)<br>ଶ୍ରେଣୀ (୪) ଓ (୫) | ୫,୦୦,୦୦୦.୦୦ ଟଙ୍କା | ୧୦,୪୧,୫୫୦ ଟଙ୍କା<br>୭,୨୪,୯୩୦ ଟଙ୍କା<br>୪,୧୬,୭୨୦ ଟଙ୍କା<br>୨,୦୮,୩୧୦ ଟଙ୍କା | ୨୦,୮୩,୧୦୦ ଟଙ୍କା<br>୧୨,୪୯,୮୬୦ ଟଙ୍କା<br>୮,୩୩,୨୪୦ ଟଙ୍କା<br>୮,୩୩,୨୪୦ ଟଙ୍କା |
| c) | **ବର୍ଗ ୫ ବ୍ୟତୀତ ପୁନର୍ବାସ ସୁବିଧା:-** | | | |
| iii | ଜୀବନ ନିର୍ବାହ ଅନୁଦାନ | ଏକ ବର୍ଷ ପାଇଁ ମାସକୁ ଟଙ୍କା ୩୬,୦୦୦/-@ ଟଙ୍କା ୩,୦୦୦/- ଦିଆଯିବ | ଜମି ବାସନ୍ଦ ହେବା ଦିନ ଠାରୁ ଅନୁରକ୍ଷଣ ଭତ୍ତା ପାଇଁ ଟଙ୍କା ୪୯,୯୯୨ /- ଏବଂ ପ୍ରତି ମାସକୁ ଟଙ୍କା ୪,୧୬୬ /- ଏକ ବର୍ଷ ପାଇଁ ପ୍ରଦାନ ଯାହା ଓଡ଼ିଶା ପୁର୍ନବାସ ଏବଂ ଥଇଥାନ ନୀତି (ORRP), ୨୦୦୬ ଦ୍ୱାରା ନିର୍ଧାରିତ ହୋଇଅଛି | ଏକ ବର୍ଷ ପାଇଁ ୪୯,୯୯୨ /- ଟଙ୍କା @ ପ୍ରତି ମାସରେ ୪,୧୬୬ /- ରକ୍ଷଣାବେକ୍ଷଣ ଭତ୍ତା ଦିଆଯିବ |
| iv | ବିସ୍ଥାପିତ ପରିବାର ସ୍ଥାନାନ୍ତୀକରଣ ପାଇଁ ପରିବହନ ମୂଲ୍ୟ | ପରିବାରର ସ୍ଥାନାନ୍ତର, ନିର୍ମାଣ ସାମଗ୍ରୀ, ଜିନିଷ ଏବଂ ଗୋରୁ ପରିବହନ ଖର୍ଚ୍ଚ ଭାବରେ ପ୍ରତ୍ୟେକ ପ୍ରଭାବିତ ପରିବାରକୁ ଟ ୫୦,୦୦୦ ଙ୍କା ଦିଆଯିବ | ଟଙ୍କା ୪,୧୬୬ /- | RFCTLA R&R, 2013 Act ଅନୁଯାୟୀ ନିର୍ଦ୍ଧାରିତ ମୂଲ୍ୟ (କିମ୍ବା)ମାଗଣା ପରିବହନ |
| v | ଅସ୍ଥାୟୀ ବ୍ୟବସ୍ଥାର ସହାୟତା | | ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ୨୦,୮୩୧ ଟଙ୍କା ଦିଆଯିବ | ୧୮ ମାସ ପାଇଁ ଟଙ୍କା ୨୦,୮୩୧ /- @ ଟଙ୍କା ୧,୧୫୭ /- ପ୍ରତି ମାସରେ ଦିଆଯିବ<br>(ସ୍ୱଇଚ୍ଛା -ସ୍ଥାନାନ୍ତର କ୍ଷେତ୍ରରେ ୬ ମାସ ପାଇଁ ଟଙ୍କା ୬,୦୦୦/- @ ଟଙ୍କା ୧,୦୦୦/- ପ୍ରତି ମାସରେ ଦିଆଯିବ |

| | | | | |
|---|---|---|---|---|
| vi | (ଚାକିରି ବଦଳରେ: ମାସିକ ଆର୍ଥିକ ସହାୟତା/ ବାର୍ଷିକ | ବାର୍ଷିକି ନୀତି ହିସାବରେ ଯାହା ୨୦ ବର୍ଷ ପାଇଁ ପରିବାରଙ୍କୁ ପ୍ରତି ମାସରେ ଟଙ୍କା ୨,୦୦୦ ରୁ କମ୍ ଦେବେ ନାହିଁ | | ପ୍ରତି ମାସକୁ ଟଙ୍କା ୩,୦୦୦/- ଟଙ୍କା କରି ଦ୍ଵିବାର୍ଷୀକ ବୃଦ୍ଧି ୫୦୦.୦୦ ଟଙ୍କା ୩୦ ବର୍ଷ ପର୍ଯ୍ୟନ୍ତ କିମ୍ବା ବାର୍ଷିକୀ ଗ୍ରାହୀର ଜୀବନ ଥିବା ପର୍ଯ୍ୟନ୍ତ , (ଯାହା ପ୍ରଥମେ ଘଟିବ) |

**ଖ. ସୁଖବାସି ଯୋଜନା**

ଅଧିଗ୍ରହଣ କ୍ଷେତ୍ର ରେ ବସବାସ କରୁଥିବା ଭୂମିହୀନ ମାନଙ୍କୁ, ଓଡିଶା ଜମି ଜବରଦଖଲ ପ୍ରାଧିକରଣ ଅଧିନିୟମ ୧୯୭୨ (Odisha Prevention of Land Encroachment Act 1972) ଅନୁଯାୟୀ ଯୋଗ୍ୟ ବିବେଚିତ ଭୂମିହୀନଙ୍କୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ଵାରା ଏକ କାଳୀନ ସହାୟତା ରାଶି (ଛଅ ଲକ୍ଷ ଟଙ୍କା) ର ଅତିରିକ୍ତ ନଗଦ କ୍ଷତିପୂରଣ ପ୍ରଦାନ ବ୍ୟତୀତ ଯୋଗ୍ୟ ଭୂମିହୀନଙ୍କୁ ଜିଲ୍ଲା ପ୍ରଶାସନ ଦ୍ଵାରା ବସୁନ୍ଧରା ଯୋଜନା ଅନ୍ତର୍ଗତ 4 ଡିସିମିଲ ବାସୋପଯୋଗୀ ଜମି ପ୍ରଦାନ କରାଯିବ|

**ଗ. ପୁର୍ନବାସ ସୁବିଧାସମୁହ**

ପୁର୍ନବାସ ଏକ ବ୍ୟାପକ ଧାରଣା ଏବଂ ଏଥିରେ ଆର୍ଥିକ, ସାମାଜିକ, ଧାର୍ମିକ, ସାଂସ୍କୃତିକ ଏବଂ ଶାରୀରିକ ଦିଗ ଅନ୍ତର୍ଭୁକ୍ତ । ଏହା ଏକ ନିରନ୍ତର ପ୍ରକ୍ରିୟା ଏବଂ ବିସ୍ଥାପନ କାର୍ଯ୍ୟ ସମାପ୍ତ ହେବା ପରେ ବି ଚାଲିଥାଏ । ଏହା ଏକ ଦୀର୍ଘକାଳୀନ ଯୋଜନା ଏବଂ ଅନେକ ପ୍ରୟାସ ଆବଶ୍ୟକ କରେ ଯାହା ଦ୍ଵାରା ଲୋକମାନେ ବିସ୍ଥାପନ ପର ସମୟରେ ନିଜର ପାରମ୍ପରିକ ମୂଲ୍ୟବୋଧ ପ୍ରଣାଳୀ, ସାମାଜିକ-ସାଂସ୍କୃତିକ ମୂଲ୍ୟବୋଧ ଓ ପରିଚୟ ସହ ଏକ ଉତ୍ତମ ଜୀବନଯାପନ କରିପାରିବେ । ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଦ୍ଵାରା ନିମ୍ନଲିଖିତ ପୁର୍ନବାସ କାର୍ଯ୍ୟକ୍ରମ ଗୁଡ଼ିକ ଅନୁସରଣ କରାଯିବା ପାଇଁ ପରାମର୍ଶ ଦିଆଯାଇଛି ।

**1.1 ରୋଜଗାର ପାଇଁ ସୁଯୋଗ:**

ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଏହାର ପ୍ରତିଷ୍ଠାନରେ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବ ନାହିଁ | ତଥାପି ପ୍ରତିଷ୍ଠା ହେବାକୁ ଥିବା ତାପଜ ବିଦ୍ୟୁତ କେନ୍ଦ୍ରରେ ବିଭିନ୍ନ କୁଶଳୀ, ଅର୍ଦ୍ଧ-କୁଶଳୀ ଏବଂ ଅଣକୁଶଳୀ ମାନଙ୍କ ପାଇଁ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ପ୍ରୟାସ କରିବ | ଏତତବ୍ୟତିତ ବିସ୍ଥାପିତ ବା ପ୍ରଭାବିତ ହେବାକୁ ଥିବା ପରିବାର ସଦସ୍ୟଙ୍କ ନିମନ୍ତେ ଆବଶ୍ୟକତା ଓ ଯୋଗ୍ୟତା ଅନୁଯାଇ କଣ୍ଟ୍ରାକ୍ଟର ଓ ତାଙ୍କ ସହଯୋଗୀ ସଂସ୍ଥାରେ ତାପଜ ବିଦ୍ୟୁତ କେନ୍ଦ୍ରର ନିର୍ମାଣ ଓ ପରିଚାଳନା ସମୟରେ ନିଯୁକ୍ତିର ଅଗ୍ରାଧିକାର ମିଳିବ

## 1.2 ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସହାୟତା

ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସହାୟତା ବାବଦକୁ ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ ଦ୍ଵାରା ଓଡିଶା ବିସ୍ଥାପିତ ଏବଂ ବିସ୍ଥାପନ ନିୟମ 2006 ଅନୁଯାୟୀ ଧାର୍ଯ୍ୟ ଥିବା ଆର୍ଥିକ ସହାୟତା ଠାରୁ ଦୁଇ ଗୁଣା ଏକକାଳୀନ ସହାୟତା ପ୍ରଦାନ କରାଯିବ | ଯାହାର ବିଭିନ୍ଧ ବିବରଣୀ ନିମ୍ନ କ୍ରମରେ ଦିଆଯାଇଛି

| କ୍ର ନଂ | ପ୍ରଭାବିତ ଏବଂ ବିସ୍ଥାପିତ ପରିବାରର ବର୍ଗୀକରଣ | ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସହାୟତା (ଲକ୍ଷ୍ୟରେ) |
|---|---|---|
| 1 | ଘରଡିହ ସମେତ ସବୁ ଜମି ହରାଇଥିବା ବିସ୍ଥାପିତ ପରିବାର, | 20.83 |
| 2 | ଦୁଇ-ତୃତୀୟାଂଶ କୃଷିଜମି ଓ ଘରଡିହ ହରାଇଥିବା ବିସ୍ଥାପିତ ପରିବାର, | 12.49 |
| 3 | ଏକ-ତୃତୀୟାଂଶରୁ ଅଧିକ କୃଷି ଜମି ଓ ଘରଡିହ ଜମି ହରାଇଥିବା ପରିବାର | 8.33 |
| 4 | କୃଷିଜମିକୁ ଛାଡ଼ି କେବଳ ଘରଡିହ ହରାଇଥିବା ପରିବାର, | 8.33 |
| 5 | ଘରଡିହକୁ ଛାଡ଼ି କୃଷିଜମିର କିଛି ଅଂଶ ହରାଇଥିବା ପରିବାର । | 8.33 |

## 1.3 ମାସିକ ଆର୍ଥିକ ସହାୟତା:

ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ର ତଲାବିରା ଖଣି ପ୍ରକଳ୍ପ ଭଳି ପ୍ରତିଷ୍ଠିତ ହେବାକୁ ଥିବା ତାପଜ ବିଦ୍ୟୁତ କେନ୍ଦ୍ର ଦ୍ଵାରା ପ୍ରଭାବିତ ଓ ବିସ୍ଥାପିତ ହେଉଥିବା ଯୋଗ୍ୟ ପରିବାରକୁ ଚାକିରୀ ବଦଳରେ ପ୍ରତି ମାସକୁ ଟଙ୍କା ୩,୦୦୦/- ଟଙ୍କା (୫୦୦.୦୦ ଟଙ୍କା ର ଦ୍ଵିବାର୍ଷୀକ ବୃଦ୍ଧି ସହିତ) ୩୦ ବର୍ଷ ପର୍ଯ୍ୟନ୍ତ କିମ୍ଵା ବାର୍ଷିକୀ ଗ୍ରାହୀର ଜୀବନ ଥିବା ପର୍ଯ୍ୟନ୍ତ, (ଯାହା ପ୍ରଥମେ ଘଟିବ) ଆର୍ଥିକ ସହାୟତା ପ୍ରଦାନ କରାଯିବ ||

1.3.1 ଦୀର୍ଘ ସମୟ ଧରି ଆର୍ଥିକ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାର ର ଏକକାଳୀନ ନଗଦ କ୍ଷତିପୂରଣ ପାଇବା ପାଇଁ ଏହି ଯୋଜନା ବାଧତାମୂଳକ ଅଟେ |

1.3.2 ଏହି ଯୋଜନା 18 ବର୍ଷରୁ ଅଧିକ ବୟସର ପ୍ରକଳ୍ପ ପ୍ରଭାବିତ ପରିବାର ନିମନ୍ତେ ପ୍ରଯୁଜ୍ୟ ହେବ | ଏହି ଲାଭ 30 ବର୍ଷର ଅବଧି ପାଇଁ କିମ୍ଵା ବାର୍ଷିକୀ ର ଜୀବନ ଅବଧି ପର୍ଯ୍ୟନ୍ତ ଉପଲବ୍ଧ ହେବ, ଯାହା ପ୍ରଥମେ ଘଟିବ |

1.3.3 ପ୍ରତି ବିସ୍ଥାପିତ ପରିବାରକୁ ମାସିକ 3 ହଜାର ଟଙ୍କା ଦିଆଯିବ ଓ ପ୍ରତି ଦୁଇବର୍ଷରେ ମାସିକ ଭତ୍ତାରେ 500 ଟଙ୍କା ଲେଖାଏଁ ବୃଦ୍ଧି କରାଯିବ ।

1.3.4 ଯେଉଁ ଦିନ ଯୋଗ୍ୟ ବ୍ୟକ୍ତି ତାଙ୍କ ଘର / ସଂରଚନାକୁ ଭାଙ୍ଗି, ଜମିର ଅଧିକାର ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ କୁ ହସ୍ତାନ୍ତର କରିବେ ଏବଂ ନିଜ ଗାଁ ରୁ ସ୍ଥାନାନ୍ତର ହେବେ , ସେହି ଦିନ ଠାରୁ ଛଅ ମାସ ଭିତରେ ଏହି ଯୋଜନାଟି କାର୍ଯ୍ୟକାରୀ ହେବ |

## 1.4 ଆତ୍ମନିଯୁକ୍ତି ପାଇଁ ତାଲିମ:

ଜିଲ୍ଲାପାଳ, ସମ୍ବଲପୁର ଏବଂ ଝାରସୁଗୁଡାଙ୍କ ନେତୃତ୍ଵରେ ଏନ .ଏଲ.ସି ଇଣ୍ଡିଆ ଲିମିଟେଡ୍ ଦ୍ଵାରା ଉଦ୍ୟୋଗ ଉନ୍ନତି ନିମନ୍ତେ ବୈଷୟିକ ଏବଂ ବୃତ୍ତିଗତ ଦକ୍ଷତାର ବିକାଶ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବେ | ନିଜର ଛୋଟ ଉଦ୍ୟୋଗ ଆରମ୍ଭ କରିବା ଏବଂ ନୂତନ ଚାକିରି ସୁଯୋଗର ଲାଭ ଉଠାଇବା ପାଇଁ ପ୍ରତ୍ୟେକ ବିସ୍ଥାପିତ / ପ୍ରଭାବିତ ପରିବାରର ଅତି କମରେ ଜଣେ ସଦସ୍ୟ ର ଦକ୍ଷତାକୁ ସୁଦୃଢ କରିବା ପାଇଁ ଧନ୍ଦାମୂଳକ ତାଲିମ ଦିଆଯିବ |ଏହି ପରିପ୍ରେକ୍ଷୀରେ, ଯଦି ପ୍ରଶିକ୍ଷଣ ପାଠ୍ୟକ୍ରମ ପରିଚାଳନା ପାଇଁ ସମସ୍ତ ଭିତ୍ତିଭୂମି ସୁବିଧା ଉପଲବ୍ଧ ନାହିଁ ତେବେ ଏହି ପରିପେକ୍ଷୀରେ ଆବେଦନକାରୀଙ୍କୁ ତାଲିମ ଦେବା ପାଇଁ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗକୁ ଅନୁରୋଧ କରାଯିବ| ତାଲିମ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଜ୍ଞାନକୌଶଳ / ତାଲିମପ୍ରାପ୍ତ

ବ୍ୟକ୍ତି / ବୃତ୍ତିଗତ ଏଜେନ୍ସି ଇତ୍ୟାଦି ରାଜ୍ୟ ସରକାର ଆୟୋଜନ କରିବେ, ଏବଂ ସମସ୍ତ ଖର୍ଚ୍ଚ, ଏନ ଏଲ.ସି ଇଣ୍ଡିଆ ଲିମିଟେଡ୍ ବହନ କରିବ |

## 1.5 ମେଧାବୃତି ଯୋଜନା

ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼, ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକର ପିଲା ମାନଙ୍କ ନିମନ୍ତେ ପ୍ରକଳ୍ପ କ୍ଷେତ୍ରରେ ସାକ୍ଷରତା ଏବଂ ଶିକ୍ଷାଗତ ଯୋଗ୍ୟତାକୁ ଉନ୍ନତ ତଥା ଉତ୍ସାହିତ ଲକ୍ଷ୍ୟ ନେଇ ଏକ ମେଧାବୃତି ଯୋଜନା ପ୍ରଚଳନ କରିବ | ଯଦି ପ୍ରଭାବିତ ପରିବାରର ପିଲାମାନେ ଯୋଗ୍ୟ / ଉପଲବ୍ଧ ନ ହୁଅନ୍ତି , ତେବେ ସେହି ମେଧାବୃତି ଯୋଜନା ନିମନ୍ତେ ଆଖପାଖ ଗାଁର ପିଲାମାନଙ୍କୁ ବିଚାରକୁ ନିଆଯିବ | ସ୍ଥିର ହୋଇଥିବା ଛାତ୍ରବୃତ୍ତି ପାଠ୍ୟକ୍ରମର ଅବଧି ପାଇଁ ପ୍ରଯୁଜ୍ୟ ହେବ | ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ପ୍ରାପ୍ତ ଜମି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଶିକ୍ଷାଗତ ଯୋଗ୍ୟତା ଏବଂ ଜାତି ପ୍ରମାଣପତ୍ର ଇତ୍ୟାଦି ସହିତ ଆବେଦନକାରୀମାନେ ସେମାନଙ୍କର ଆବେଦନପତ୍ର ଦାଖଲ କରିବାକୁ ବାଧ ହେବେ |

## 1.6 ଦୋକାନ ଏବଂ ସେବା ୟୁନିଟ୍

ସ୍ୱରୋଜଗାର ନିଯୁକ୍ତି ପାଇଁ ଚୟନ କରୁଥିବା ବିସ୍ଥାପିତ ପରିବାରଗୁଡିକ ପାଇଁ NLC ଇଣ୍ଡିଆ ଲିମିଟେଡ୍ ନିଜ ଖର୍ଚ୍ଚରେ ସମ୍ଭାବ୍ୟ ସ୍ଥାନରେ ଦୋକାନ ଏବଂ ସେବା ୟୁନିଟ୍ ନିର୍ମାଣ କରିବ, ଯାହା ଜିଲ୍ଲାପାଳଙ୍କ ପରାମର୍ଶରେ ପ୍ରକଳ୍ପ ପାଇଁ ଆବଣ୍ଟିତ ହେବ,ଏହିପରି ୟୁନିଟ୍ ବଣ୍ଟନ କରିବା ସମୟରେ ଦିବ୍ୟାଙ୍ଗ ବ୍ୟକ୍ତି ଏବଂ ବିସ୍ଥାପିତ ଅନୁସୂଚିତ ଜାତି ଓ ଜନଜାତି ପରିବାରର ସଦସ୍ୟମାନଙ୍କୁ ଅଗ୍ରାଧିକାର ଦିଆଯିବ |

## 1.7 ପ୍ରସ୍ତାବିତ ପୁନର୍ବାସ କଲୋନୀ

ଝାରସୁଗୁଡ଼ା ଜିଲ୍ଲାର ହିରମା ଗ୍ରାମରେ ପୁନର୍ବାସ କଲୋନୀ ନିର୍ମାଣ ପାଇଁ ଯୋଜନା କରାଯାଇଛି | ପ୍ରସ୍ତାବିତ ପୁନର୍ବାସ କଲୋନୀ ନିର୍ମାଣ ପାଇଁ ଜମି ଆବଶ୍ୟକତାକୁ କମ୍ କରିବା ନିମନ୍ତେ ନିର୍ଦ୍ଦିଷ୍ଟ ଧ୍ୟାନ ଦିଆଯାଇଛି| ସମସ୍ତ ବିସ୍ଥାପିତ ପରିବାରକୁ ଚୟନ କରିଥିବା ପୁନର୍ବାସ କଲୋନୀରେ ଘର ସହିତ ଜମି ବଣ୍ଟନ କରାଯିବ |

ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼ର ତାଲାବିରା ଖଣି ଓ ତାପଜ ବିଦ୍ୟୁତ କେନ୍ଦ୍ର ଦ୍ୱାରା ବିସ୍ଥାପିତ ହେଉଥିବା ପରିବାର ନିମନ୍ତେ 537 ଘର ବିଶିଷ୍ଟ ଏକ ଏକୀକୃତ ପୁନର୍ବାସ କଲୋନୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ପ୍ରସ୍ତୁତ କରିଛି. ବ୍ୟକ୍ତିଗତ ଗୃହର ବିବରଣୀ ଓ ପୁନର୍ବାସ କଲୋନୀର ସଂଲଗ୍ନ କରାଯାଇଛି | 104.21 ଏକର ପରିମିତ ଏହି କଲୋନୀ ରେ, ଗୃହ, ଅଣ-ଆବାସିକ ଅଟ୍ଟାଳିକା, କୋଠାର ଆଭ୍ୟନ୍ତରୀଣ ବିଦ୍ୟୁତିକରଣ ପାନୀୟ ଜଳ ଟାଙ୍କି ସମେତ ରାସ୍ତା ଏବଂ ଜଳ ଯୋଗାଣର ବ୍ୟବସ୍ଥା କରାଯିବା ସହିତ ନିମ୍ନଲିଖିତ ଅନ୍ୟାନ ଆନୁସଙ୍ଗିକ ମୌଳିକ ସୁବିଧା ଯୋଗାଇ ଦିଆଯିବ |

1. ସାମୁଦାୟିକ ଭବନ (Community Hall)
2. ପଞ୍ଚାୟତ କାର୍ଯ୍ୟାଳୟ
3. ବିଦ୍ୟାଳୟ
4. ଦୋକାନ ଘର (Shopping Complex)
5. ମନ୍ଦିର
6. ଔଷଧାଳୟ
7. ବ୍ୟାଙ୍କ

8. ଡାକ ଘର
9. ସାଧାରଣ ବଣ୍ଟନ ଦୋକାନ
10. ଅଙ୍ଗନବାଡି କେନ୍ଦ୍ର
11. ପ୍ରାଣୀ ଚିକିତ୍ସାଳୟ
12. ସାପ୍ତାହିକ ହାଟ

ଓଡ଼ିଶା ପୁର୍ନବାସ ଏବଂ ଥଇଥାନ ନୀତି (ORRP), ୨୦୦୬ ଏବଂ RFCTLAR&R ଆଇନ ୨୦୧୩ ରେ ଥିବା ସୁବିଧାସମୁହର ଅନୁପାଳନ କରାଯିବ । ବିସ୍ଥାପିତ ହୋଇଥିବା ସବୁ ଅନୁସୂଚୀତ ଜାତି ଓ ଜନଜାତି ପରିବାରର ପରିବାରଗୁଡ଼ିକୁ ଯଥା ସମ୍ଭବ ସମାନ ପରିବେଶ ଅଞ୍ଚଳକୁ ସ୍ଥାନାନ୍ତର କରାଯିବାକୁ ଉଦ୍ୟମ କରାଯିବା ଉଚିତ, ଯାହାଦ୍ୱାରା ଆଦିବାସୀ ସମ୍ପ୍ରଦାୟର ଆର୍ଥିକ ସୁଯୋଗ, ଭାଷା, ସଂସ୍କୃତି ଏବଂ ସାମ୍ପ୍ରଦାୟିକ ଜୀବନ ରକ୍ଷା ହୋଇପାରିବ । ଝାରସୁଗୁଡ଼ା ଜିଲ୍ଲା ବାହାରେ କୌଣସି ପରିବାରର ଥଇଥାନ କରାଯିବ ନାହିଁ । ନୀତିରେ ଦିଆଯାଇଥିବା ଅତିରିକ୍ତ ସୁବିଧାସୁଯୋଗଗୁଡ଼ିକୁ ବିସ୍ଥାପିତ ପରିବାରଗୁଡ଼ିକୁ ଦିଆଯିବ ।


### ବ୍ୟକ୍ତିଗତ ଗୃହ ବିବରଣୀ (ପାଖାପାଖି)

- ବ୍ୟକ୍ତିଗତ ଘର ପାଇଁ ଜମି କ୍ଷେତ୍ର 0.10 ଏକର: ଅଥବା 4356 ବର୍ଗଫୁଟ
- ସୁପର ବିଲ୍ଟ ଅପ୍ କ୍ଷେତ୍ର: -1067.51 ବର୍ଗଫୁଟ


### ଘରର ନିର୍ଦ୍ଦିଷ୍ଟକରଣ

- ଆରସିସି ଫ୍ରେମ୍ଡ ଷ୍ଟ୍ରକଚର,
- ଭିଟ୍ରିଫାଇଡ୍ ଟାଇଲ୍ ଚଟାଣ,
- ଆକ୍ରିଲିକ୍ ଏମୁଲେସନ ପେଣ୍ଟ-ଇଣ୍ଟେରିଅର୍
- ବାହ୍ୟ ବେଡରୁମ୍, ହଲ୍, ଡାଇନିଂ,
- ପ୍ଲାଟଫର୍ମ ସହିତ ରୋଷେଇ ଘର,
- ସିଡ଼ି, ଗୋ ଗୁହାଳ ଶେଡ୍
- ଓଭରହେଡ୍ ଟ୍ୟାଙ୍କ |

# ଗୃହ ବିବରଣୀ


FRONT ELEVATION
SECTION ON AA
SECTION ON BB
PLAN
FOUNDATION DETAILS
BEAM DETAILS
ANNEXURE DRG NO.
A2
sheet 1
PRELIMINARY DRAWING
FOR TENDER PURPOSE ONLY
COLUMN FOUNDATION DETAILS
WALL-FOUNDATION DETAIL
(CATTLE SHED)
NLC India Limited
OFFICE OF THE CHIEF GENERAL MANAGER / CIVIL / CTO
THERMAL R&R COLONY HOUSE
NTTPP
CGMC/ /2020

<u>**ଜମି ବିବରଣୀ**</u>




| Block | Houses | Compound wall length (m) | 7.5m WIDE Internal road length (m) |
|---|---|---|---|
| A | 170 | 1582 | 2356 |
| B | 37 | 845 | 777 |
| C | 160 | 2768 | 2252 |
| D | 74 | 1766 | 1174 |
| E | 52 | 1316 | 947 |
| F | 44 | 930 | 972 |
| G | | | |
| H | * | 1515 | 465 |
| J | | | |
| K | * | 1858 | |
| **Total** | **537** | **11880** | **8943** |

## ଅଧ୍ୟାୟ-୫

## ଉପସଂହାର

ଏନ.ଏଲ.ସି ଇଣ୍ଡିଆ ଲିମିଟେଡ଼କୁ ନିଜପ୍ରଶାସନିକ ଢାଞ୍ଚା ମଧ୍ୟରେ ଏକ ସୁଦୃଢ ଓ ସକ୍ଷମ ବହୁମୁଖୀ ଜମି ଓ ପୁନଃବନ୍ଦୋବସ୍ତ ଏବଂ ପୁର୍ନବାସ ୟୁନିଟ ସ୍ଥାପନକରିବାକୁ ସୁପାରିଶ କରାଯାଉଛି; ଯେଉଁଥିରେ ଯୋଗ୍ୟ ଓ ଅଭିଜ୍ଞ ପେସାଦାରମାନେ ଥିବେ । ଜଣେ ଜମି ଓ ବିସ୍ଥାପନ ଓ ପୁନଃ ଥଇଥାନ ବିଶେଷଜ୍ଞ ଏହି ୟୁନିଟର ମୁଖ୍ୟ ହେବେ ଓ ଥଇଥାନ ଓ ପୁର୍ନବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏହି ୟୁନିଟର ବିଭିନ୍ନ ପଦବୀରେ ଯଥେଷ୍ଟ ସଂଖ୍ୟକ କର୍ମଚାରୀ ଥିବେ । ସମସ୍ତ କର୍ମଚାରୀଙ୍କ ଭୂମିକା ଏବଂ ଦାୟିତ୍ୱ ଭଲ ଭାବରେ ବ୍ୟାଖ୍ୟା କରାଯିବ ଏବଂ ସେମାନେ ଜମି ଏବଂ ଥଇଥାନ ଓ ପୁର୍ନବାସ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଗ୍ରହଣ କରିବେ ।ଥଇଥାନ ଓ ପୁର୍ନବାସ କାର୍ଯ୍ୟକ୍ରମର ଯୋଜନା , କାର୍ଯ୍ୟାନ୍ୱୟନ, ତଦାରଖ ଏବଂ ମୂଲ୍ୟାଙ୍କନ ପାଇଁ ଦଳର ନେତାଙ୍କୁ ସାହାଯ୍ୟ କରିବେ ଏବଂ RFCTLARR ଆଇନ ୨୦୧୩ର ଧାରା 45 ଅନୁସାରେ ଲୋକ ଓ R&R କମିଟି ଓ ପ୍ରକଳ୍ପ ନିର୍ମାଣକାରୀ କମ୍ପାନି ମଧ୍ୟରେ ଯୋଗସୂତ୍ର ରକ୍ଷା କରିବେ ।

ଉପରୋକ୍ତ ଥଇଥାନ ଓ ପୁର୍ନବାସ ସ୍କିମ ପ୍ରତି ଗ୍ରାମ ପାଇଁ ଲାଗୁ ହେବ, ଯାହାକୁ RFCTLAR&R ଆଇନ ୨୦୧୩ ଓ ଓଡ଼ିଶା ଥଇଥାନ ଓ ପୁର୍ନବାସ ନୀତି ୨୦୦୬ ତଥା ବର୍ତ୍ତମାନ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା କମ୍ପାନି ଯଥା NTPC, OCPL ଦ୍ୱାରା ଦିଆଯାଉଥିବା ସୁବିଧାସୁଯୋଗକୁ ଅନୁସରଣ କରି ପ୍ରସ୍ତୁତ କରାଯାଇଛି, ଯାହାକି ବିସ୍ଥାପିତ ପରିବାର ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତରେ ସେମାଙ୍କର ଓ ସେମାନଙ୍କ ଉତ୍ତରପୀଢ଼ିର ଉଚ୍ଚଜୀବନଧାରଣ ମାନ ପାଇଁ ଉଦ୍ଦିଷ୍ଟ ।

26.12.2022

ପ୍ରକଳ୍ପ ନିର୍ଦ୍ଦେଶିକା,
ପୁନର୍ବାସ ଓ ଥଇଥାନ ଜ଼ିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡା

ଜିଲ୍ଲାପାଳ, ଝାରସୁଗୁଡା

27.12.22

ଉତ୍ତରାଞ୍ଚଳ ରାଜସ୍ୱ କମିଶନର,
ସମ୍ବଲପୁର- ତଥା – କମିଶନର, ପୁନର୍ବାସ ଓ ଥଇଥାନ

R.D.C. N.D., Sambalpur
-Cum- Commissioner
Rehabilitation & Resettlement